READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଲଦାଖ : ୧୭ ହଜାର ଫୁଟ୍ ଉଚ୍ଚରେ ତ୍ରିରଙ୍ଗା ଉଡାଇଲେ ଯବାନ

ବର୍ଷ-୪ ସଂଖ୍ୟା-୩୧ ୧୭ - ୨୩ ଅଗଷ୍ଟ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-31 17th - 23th AUGUST, 2020 BHUBANESWAR ₹ 5/- (8 Pages)

# କରୋନା ଯୋଦ୍ଧାଙ୍କୁ ମୋଦିଙ୍କ ପ୍ରଶଂସା

**ନୂଆଦିଲ୍ଲୀ :** କରୋନା କଟକଣା ଭିତରେ ସାରା ଦେଶ ୭୪ତମ ସ୍ୱାଧୀନତା ଦିବସ ପାଳନ କରିଛି। ଐତିହାସିକ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଉତ୍ତୋଳନ କରିଛନ୍ତି। ପ୍ରଥମେ ରାଜଘାଟ ଯାଇ ସେଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଲାଲକିଲ୍ଲାରେ ପହଞ୍ଚିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଗାର୍ଡ ଅଫ୍ ଅନର ଗ୍ରହଣ କରିବାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ କରିବା ପରେ ଶ୍ରୀ ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଅଭିଭାଷଣର ପ୍ରାରମ୍ଭରେ ସେ ଦେଶର ସହିଦଙ୍କୁ ସମ୍ମାନ ଜଣାଇବା ସହ କରୋନା ଯୋଦ୍ଧାଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ତା'ସହିତ କରୋନା କଟକଣା ଯୋଗୁ ଉତ୍ସବକୁ ଛୋଟ ଛୋଟ ପିଲା ଆସିପାରି ନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ପବିତ୍ର ପର୍ବରେ



ଆପଣ ସମସ୍ତଙ୍କୁ ଶୁଭେଚ୍ଛା ଏବଂ ଅନେକ ଅନେକ ଅଭିନନ୍ଦନ। ମାତା ଭାରତୀଙ୍କ ଲକ୍ଷ ଲକ୍ଷ ପୁଅ ଓ ଝିଅଙ୍କ ବଳିଦାନ ଏବଂ ଉତ୍ସର୍ଗ ଯୋଗୁ ଆମେ ଆଜି ସ୍ୱାଧୀନ ଭାରତରେ ନିଶ୍ୱାସ ନେଉଛୁ। ଆଜି ସାହାସୀ ବୀରଙ୍କୁ ଅଭିବାଦନ କରିବାର ପର୍ବ। ଆମର ସେନା, ପାରାମିଲିଟାରୀ ଫୋର୍ସ, ପୋଲିସ କର୍ମଚାରୀ ଓ ସୁରକ୍ଷା ବାହିନୀ ସମସ୍ତେ ମାତା ଭାରତୀଙ୍କୁ ସୁରକ୍ଷା ଦେବାରେ ନିୟୋଜିତ ଅଛନ୍ତି। ଆଜି ମଧ୍ୟ ତାଙ୍କ ସେବାକୁ ପ୍ରଣାମ କରିବାର ପର୍ବ। ଆଜି ଅରବିନ୍ଦ ଘୋଷଙ୍କ ଜୟନ୍ତୀ। ସେ ଜଣେ ବିପ୍ଳବୀ ତଥା ଆଧ୍ୟାତ୍ମିକ ଋଷି ଥିଲେ। ଆଜି ମଧ୍ୟ ତାଙ୍କୁ ସ୍ମରଣ କରିବାର ଦିନ। କରୋନା ଯୋଗୁ ଆଜି ପିଲାମାନେ ଦେଖାଯାଉନାହାନ୍ତି। କରୋନା ସଙ୍କଟରେ ମୁଁ କରୋନା ଯୋଦ୍ଧାଙ୍କୁ ପ୍ରଣାମ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ସ୍ୱାଧୀନତାର ବୀରମାନଙ୍କୁ ମନେ ପକାଇବା ଭିତରେ ଏକ ନୂତନ ଶକ୍ତିର ସଂକଳ୍ପ ଅଛି। ଏହା ଆମକୁ ନୂଆ ପ୍ରେଣା ଓ ନୂତନ ଉତ୍ସାହ ଦେଉଛି। ଏହି ଅବସରରେ ନୂଆ ସଂକଳ୍ପ ଗ୍ରହଣ କରିବା ଜରୁରୀ ଅଟେ। ଆସନ୍ତା ବର୍ଷ ଆମେ ୭୫ତମ ବର୍ଷରେ ପ୍ରବେଶ କରିବା। ତେଣୁ ଏହା ଏକ ବଡ ସୁଯୋଗ। ଆସନ୍ତା ଦୁଇବର୍ଷ ପାଇଁ ଆମକୁ ଦୃଢ଼ ସଂକଳ୍ପ ସହିତ ଅଗ୍ରସର ହେବାକୁ ପଡିବ। ଯେତେବେଳେ ଆମେ ସ୍ୱାଧୀନତାର ୭୫ ବର୍ଷରେ ପ୍ରବେଶ କରିବା ଓ ୭୫ ବର୍ଷ ପୂରଣ କରିବା, ସେତେବେଳେ ଆମେ ଆମର ସଂକଳ୍ପ ପୂରଣ କରିବା ପାଇଁ ଏହାକୁ ମହାପର୍ବ ଭାବରେ ପାଳନ କରିବା। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯେପରି ଆମର ପୂର୍ବପୁରୁଷମାନେ ନିରବଚ୍ଛିନ୍ନ ଭାବେ ଏକନିଷ୍ଠ ହୋଇ ତପସ୍ୟା ବଳରେ ଆମକୁ ସ୍ୱାଧୀନତା ଦେଇଥିଲେ, ସେମାନେ ନିଜକୁ ଦେଶ ପାଇଁ ଉତ୍ସର୍ଗ କରି ଦେଇଥିଲେ। ଆମେ ଭୁଲିଯିବା ନାହିଁ ଯେ ଦାସତ୍ୱର ସେଭଳି ଏକ ଘଡିସନ୍ଧି ସମୟରେ କୌଣସି ମୁହୂର୍ତ୍ତ କିମ୍ବା କ୍ଷେତ୍ର ନଥିଲା ଯେତେବେଳେ ସ୍ୱାଧୀନତାର ଉତସାହ ସୃଷ୍ଟି ହୋଇନଥିଲା। ସ୍ୱାଧୀନତାର ଇଚ୍ଛାକୁ ପୂରଣ କରିବା ପାଇଁ ଏମିତି କେହି ବି ନଥିଲେ ଯେ, କରି ନଥିଲେ। ସ୍ୱାଧୀନତା ହାସଲ ପାଇଁ ସେମାନେ ଯୁବାବସ୍ଥା ଜେଲରେ କାଟିଥିଲେ। ସେମାନେ ହସି ହସି ଫାଶୀଦେଶକୁ ଆପଣେଇ ନେଇଥିଲେ। ଗୋଟିଏପଟେ ସଶସ୍ତ୍ର ବିପ୍ଳବର ଅନ୍ୟପଟେ ଜନ ଆନ୍ଦୋଳନ। ବାପୁ ସ୍ୱାଧୀନତା ସଂଗ୍ରାମକୁ ଆହୁରି ସଶକ୍ତ କରିଥିଲେ। ➤ ପୃ-୬

## 'କରୋନା ମୁକାବିଲାରେ ଉଦାହରଣ ପାଲଟିଛି ଭାରତ'



**ନୂଆଦିଲ୍ଲୀ :** ୭୪ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରି ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରାଧାନ୍ୟ ଦେଇଛନ୍ତି। ସେ କହିଛନ୍ତି, ଆତ୍ମନିର୍ଭରଶୀଳତା ବଳରେ ଭାରତ ସ୍ୱୟଂ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହେବ। ଭାରତର ଆତ୍ମନିର୍ଭରଶୀଳତା ଅର୍ଥ ସ୍ୱୟଂ ଶକ୍ତି ବଳରେ ବିଶ୍ୱସ୍ତରର ଦକ୍ଷତା ହାସଲ କରିବା। ଆମେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ସହ ଉତ୍ତମ ବୁଝାମଣା ରକ୍ଷା କରି ଆଗକୁ ପାଦ ବଢ଼ାଇବାରେ ବିଶ୍ୱାସ କରୁ। ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଆମେ ସମସ୍ତଙ୍କ ସହ ମିଳିମିଶି ବିକାଶ କାର୍ଯ୍ୟରେ ଆଗେଇବାକୁ ଆଗ୍ରହୀ। ତା'ସହିତ ଆମେ ନିଜ ପ୍ରତିଭା ବଳରେ ଅନ୍ତର୍ଜାତୀୟ ସ୍ତରରେ ଆମକୁ ପ୍ରତିଷ୍ଠା କରିବୁ। କରୋନା ସହ ମୁକାବିଲା ସମୟରେ ଆମକୁ ଆମ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପଡିବ। ଗୋଟିଏ ପଟେ କରୋନା ଓ ଅନ୍ୟପଟେ ଆତ୍ମନିର୍ଭରଶୀଳତା ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। ଭାରତୀୟ ରେଳ ଦ୍ୱାରା ଆମେ ଏହି ଆହ୍ୱାନକୁ ସଫଳତାର ସହ ଅତିକ୍ରମ କରିଛୁ। ଆମ ଦକ୍ଷତା ବଳରେ ଆମେ ଅନ୍ୟ ଦେଶଆଡ଼କୁ ସହାୟତାର ହାତ ବଢ଼ାଇଛୁ। ବିଶ୍ୱବାସୀଙ୍କୁ ଦେବା ପାଇଁ ଆମ ପାଖରେ ବହୁତ କିଛି ସାଧନ ଅଛି। ବିଶେଷ କରି ବୌଦ୍ଧିକ, ଆଧ୍ୟାତ୍ମିକ ଓ ବିଶ୍ୱଶାନ୍ତି କ୍ଷେତ୍ରରେ ଭାରତର ଅବଦାନକୁ ସମସ୍ତେ ଗ୍ରହଣ କରିଛନ୍ତି। ବିଶ୍ୱବାସୀଙ୍କର ମଙ୍ଗଳ ➤ ପୃ-୬

# ସମସ୍ତଙ୍କ ଜୀବନ ଆମ ପାଇଁ ମୂଲ୍ୟବାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ସମଗ୍ର ଦେଶରେ ଅଗଷ୍ଟ ୧୫ ପାଇଁ ଉଡିଲା ତ୍ରିରଙ୍ଗା। ନୂଆଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ସେଇ ତିନି ରଙ୍ଗର ପତାକା। ସ୍ୱାଧୀନତା ଦିବସ ଅବସରରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଉତ୍ତୋଳନ କରିଛନ୍ତି। ଜାତୀୟ ପତାକାକୁ ସମ୍ମାନ ଜଣାଇ ଦେଶର ସହିଦ ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କରୋନା କାଳରେ ଓଡ଼ିଶାବାସୀଙ୍କ କରୋନା ବିରୋଧୀ ଲଢ଼େଇ ବିଷୟରେ କହିଛନ୍ତି। ପ୍ରତି ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି ତାଙ୍କ ଅଭିଭାଷଣରେ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହାସହ କରୋନା କାଳରେ ଅର୍ଥନୀତି କିଭଳି ଭୁଶୁଡିବାକୁ ଦିଆଯାଇନାହିଁ ସେ ବିଷୟରେ ଅବଗତ କରାଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ସେ ଆହୁରି କହିଛନ୍ତି ଯେ, କରୋନା ମୁକାବିଲା ପାଇଁ ବିଭିନ୍ନ ଜିଲ୍ଲାରେ କୋଭିଡ୍ ହସ୍ପିଟାଲ ହୋଇଛି। କେହି ମଧ୍ୟ ଟଙ୍କା ଅଭାବରୁ କରୋନା ଚିକିତ୍ସାରୁ ବଞ୍ଚିତ ହେବେନାହିଁ। କରୋନା ଯୋଦ୍ଧାଙ୍କ ସେବାର ତୁଳନା ନାହିଁ। କରୋନା ଯୋଦ୍ଧାଙ୍କ ପାଇଁ ସାରା ଦେଶରେ ଅପକ୍ଷା



ଆମର ମୃତ୍ୟୁ ହାର କମ ରହିଛି। ରାଜ୍ୟରେ ପ୍ଲାଜମା ଥେରାପି ଚିକିତ୍ସା ପାଇଁ ପ୍ଲାଜମା ବ୍ୟାଙ୍କ ହୋଇଛି। କେବଳ ଭାରତ ନୁହେଁ ସାରା ବିଶ୍ୱ ପାଇଁ ସଙ୍କଟ ଆଣିଛି କରୋନା। ➤ ପୃ-୬

# ଡ୍ରାଇଭର ସିଟ୍‌ରେ ପାଣ୍ଡିଆନ



**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଖିବାକୁ ମିଳିଛି ଏକ ନୂଆ ଘଟଣା। ମୁଖ୍ୟମନ୍ତ୍ରୀ ପତାକା ଉତ୍ତୋଳନ କରିବାକୁ ଆସିବା ବେଳେ ୫-ଟି' ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ଗାଡିରେ ଡ୍ରାଇଭର ସାଜିଥିଲେ। ରାଜ୍ୟ ଇତିହାସରେ ଏପରି ଘଟଣା ବିରଳ ଓ କୌଣସି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ପତାକା ଉତ୍ତୋଳନ ନିମନ୍ତେ ଗାଡି ଚଳାଇ ସମାବେଶ ସ୍ଥଳକୁ ଆଣିବା ପ୍ରଥମ ଘଟଣା। କରୋନାକାଳରେ ସାମାଜିକ ଦୂରତ୍ୱକୁ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ କିଛିମାସ ହେଲା ଅତି ଜରୁରୀ ନ ଥିଲେ ସେ ନବୀନ ନିବାସରୁ ବାହାରି ନାହାନ୍ତି। ସେଠାରୁ ତାଙ୍କର ଅଫିସ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କ୍ୟାବିନେଟ୍ ବୈଠକ, ରାଜ୍ୟମନ୍ତ୍ରୀ ପରିଷଦ ବୈଠକ, ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରୋନା ସଂକ୍ରାନ୍ତ ସମୀକ୍ଷା, ବିଭିନ୍ନ ଜିଲ୍ଲାପାଳଙ୍କ ସହ ଆଲୋଚନା, ସଚିବସ୍ତରୀୟ ଆଲୋଚନା ଆଦିରେ ନିଜ ବାସଭବନରୁ ଭିଡିଓ କନଫରେନ୍ସିରେ ସକ୍ରିୟ ରହୁଛନ୍ତି। କରୋନାଯୋଗୁଁ ସ୍ୱାଧୀନତା ଦିବସ ନିରାଡମ୍ବର ଭାବରେ ପାଳନ କରାଯାଇଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଡ୍ରାଇଭର ବଦଳରେ ନିଜେ ଶ୍ରୀ ପାଣ୍ଡିଆନ ଗାଡି ଚାଇଥିବା କୁହାଯାଉଛି।

## ବକ୍ରବାଣୀ



ମାନନୀୟ ଆମ ପ୍ରିୟ ସର୍କାର
ତୁମକୁ ମୋର ଶହେ ନମସ୍କାର
ସାଢ଼େ ଚାରିକୋଟି ଓଡ଼ିଆବାସୀ
ତୁମ ଶାସନରେ ସଭିଏଁ ଖୁସି
ତୁମ ବିରୁଦ୍ଧରେ କହିବା ମନା
କହିଲେ ଯିବ ସେ ଜିୟଲଖାନା
ତୁମ ପରି ଛାମୁଁ ଜଗତେ ନାହିଁ
ତୁମ ନିନ୍ଦା କିଏ କରିବ କାହିଁ
ତୁମ ଗୁଣ ଗାଇ ଯାଉ ଜୀବନ
ତୁମ ପ୍ରଶଂସାରେ ଥାଉ ମୋ ମନ।

—————— ଟୁଟୁ

### କୋଠାବାଡି ନିୟମରେ ବ୍ୟାପକ ପରିବର୍ତ୍ତନ

# ବହୁତଳ ଅଟ୍ଟାଳିକାକୁ ପ୍ରୋତ୍ସାହନ

**ଭୁବନେଶ୍ୱର :** ବହୁତଳ ଅଟ୍ଟାଳିକା ନିର୍ମାଣ ପାଇଁ ପ୍ରୋତ୍ସାହନ ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କୋଠାବାଡି ନିର୍ମାଣ ନିୟମରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ପୂର୍ବରୁ ୪ ରୁ ଉର୍ଦ୍ଧ୍ୱ ଗୃହ ଥିବା ଅଟ୍ଟାଳିକାକୁ ଆପାର୍ଟମେଣ୍ଟ କୁହାଯାଉଥିବା ବେଳେ ଏଣିକି ୮ଟି ଗୃହଥିବା ଅଟ୍ଟାଳିକାକୁ ଆପାର୍ଟମେଣ୍ଟ କୁହାଯିବ। ସେହିପରି ପୂର୍ବରୁ ପ୍ଲଟ୍ ସାଇଜ୍ ଅତି କମ୍‌ରେ ୫୦୦ ବର୍ଗ ମିଟର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ପ୍ଲଟ୍ ସାଇଜ୍ ପାଇଁ କୌଣସି ପ୍ରତିବନ୍ଧକ ରହିବନାହିଁ। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଯୋଜନା ଏବଂ ନିର୍ମାଣ ମାନକ) ନିୟମ-୨୦୨୦ କାର୍ଯ୍ୟକାରୀ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ ନିୟମାବଳୀକୁ ସମ୍ପୂର୍ଣ୍ଣ ଲୋକାଭିମୁଖୀ ଓ ପ୍ରଗତିଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି। ସହରମାନଙ୍କରେ ବସବାସ କରୁଥିବା ସମସ୍ତ



ବର୍ଗର ବ୍ୟକ୍ତିବିଶେଷଙ୍କ ସମସ୍ୟା ଦିଗରେ ଅନେକ ଗୁଡିଏ ନିୟମ କୋହଳ କରାଯାଇଛି। ଏହାସହ ରିହାତି ତଥା ପ୍ରୋତ୍ସାହନର ବ୍ୟବସ୍ଥା ହୋଇଛି। ସ୍ୱଳ୍ପ ବିପଦ କୋଠା ➤ ପୃ-୬

### କୋଭିଡ୍ ହସ୍ପିଟାଲ ପରିଚାଳନାରେ ତ୍ରୁଟିକୁ ନେଇ ଅଡିଓ ଭାଇରାଲ ପ୍ରସଙ୍ଗ

# ଦୁଇ ବନ୍ଧୁଙ୍କୁ ଜାମିନ

**ଭୁବନେଶ୍ୱର :** ଗତ ୭ ତାରିଖରେ ୨ଜଣ ବନ୍ଧୁଙ୍କ ମଧ୍ୟରେ କୋଭିଡ୍ ହସ୍ପିଟାଲ ପରିଚାଳନାରେ ତ୍ରୁଟିକୁ ନେଇ ବାର୍ତ୍ତାଳାପର ଅଡିଓ ଟେପ୍ ଏକ ନ୍ୟୁଜ୍ ପୋର୍ଟାଲରେ ପ୍ରସାରଣ ପରେ ଘଟଣାକୁ ନେଇ ବିବାଦ ଦେଖାଦେଇଥିଲା। ଏହି ଘଟଣାରେ ସତ୍ୟତା ନାହିଁ, ସରକାରଙ୍କୁ ମିଛରେ ବଦନାମ କରାଯାଉଛି ଏବଂ ଏହା ଏକ ଅପରାଧିକ ଚକ୍ରାନ୍ତ ବୋଲି ଦର୍ଶାଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କ୍ୟାପିଟାଲ ଥାନାରେ ଏକ ଏତଲା ଦିଆଯାଇଥିଲା। ଏଥିରେ ବାର୍ତ୍ତାଳାପ କରିଥିବା ଦୁଇ ବନ୍ଧୁ ବିଶ୍ୱଜିତ ମହାନ୍ତି, ଲକ୍ଷ୍ମୀକାନ୍ତ ବେହେରା ଓ ଅନ୍ୟମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ତେଣୁ କ୍ୟାପିଟାଲ ଥାନା



ପୋଲିସ ଗତ ୧୦ ତାରିଖ ଦିନ ଦଫା ୨୬୯, ୨୭୦, ୫୦୫(ବି), ୧୨୦(ବି) ଭାରତୀୟ ପିଙ୍ଗଳ କୋଡ, ଦଫା ୩ ମହାମାରୀ ଆଇନ ଓ ଦଫା ୫୨ ବିପର୍ଯ୍ୟୟ ପରିଚାଳନା ଆଇନରେ ଗିରଫ କରି କୋର୍ଟକୁ ପଠାଯାଇଥିଲା। ମାନ୍ୟବର ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ଶୁଭଙ୍କର ମିଶ୍ର, ଭୁବନେଶ୍ୱରଙ୍କ ଅଦାଲତରେ ଦୁଇଜଣଙ୍କୁ ହଜାର କରାଯାଇଥିଲା। ଶୁଣାଣି ସମୟରେ ମୁଦାଲାମାନଙ୍କ ତରଫରୁ ଜାମିନ ଆବେଦନ କରାଯାଇଥିଲା କିନ୍ତୁ କ୍ୟାପିଟାଲ ଥାନା ଅଧିକାରୀ ଯିଏ କି ଏହି ମକଦ୍ଦମାର ତଦନ୍ତ କରୁଛନ୍ତି ନିଜେ ଅଦାଲତରେ ହାଜର ହୋଇ ପ୍ରାର୍ଥନା କଲେ କି ଏହା ଏକ ସଙ୍ଗୀନ ମାମଲା, ତେଣୁ ଜାମିନ୍ ଖାରଜ କରାଯାଉ ଓ ମୁଦାଲା ମାନଙ୍କୁ ୭ଦିନ ରିମାଣ୍ଡରେ ନେଇ ତଦନ୍ତ କରିବାକୁ ଅନୁମତି ଦିଆଯାଉ। ବଳିଷ୍ଠ ଯୁକ୍ତି ସତ୍ତ୍ୱେ ଜାମିନ୍ ଆବେଦନ ଖାରଜ କରି କୋର୍ଟ ୩ ଦିନ ପାଇଁ ରିମାଣ୍ଡ ନେବାକୁ ମଞ୍ଜୁର କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଗୋଟିଏ ଦିନ ରିମାଣ୍ଡରେ ନେବା ପରଦିନ ୧୨ ତାରିଖରେ ପୁଣିଥରେ ମୁଦାଲାମାନଙ୍କୁ ସେହି ➤ ପୃ-୬




# ସମସ୍ୟା ବଢ଼ାଉଛି ଘନ ଘନ ବିଦ୍ୟୁତ କାଟ

**ଧାମନଗର,(ସଂଜିବ ମହାନ୍ତି):** ବିଦ୍ୟୁତ୍ ସମସ୍ୟା ଜଟିଳ ସାଙ୍ଗକୁ ଲୋ ଭୋଲଟେଜ୍ ସହିତ ଘନ ଘନ ବିଦ୍ୟୁତ୍ କାଟ୍ ଉପଭୋକ୍ତାଙ୍କୁ ଯନ୍ତ୍ରଣା ଦେଉଛି ବିଦ୍ୟୁତ୍ ବିଭାଗ। ଏପଟେ ଧାମନଗର ବ୍ଲକ ଦୋବଲ ଜୋନ୍ ଅଧିନସ୍ଥ ଖଡ଼ିପଦା ବିଦ୍ୟୁତ୍ ସବ୍‌ଷ୍ଟେସନ ଅଧାଗଢ଼ା କେବେ କାର୍ଯ୍ୟକ୍ଷମ ହେବ ତାହାର କୌଣସି ଠିକଣା ନାହିଁ। କାର୍ଯ୍ୟ ଆରମ୍ଭକୁ ୬ବର୍ଷ ବିତିଯାଇଥିଲେ ବି କାର୍ଯ୍ୟ ସଂମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯାହାକୁ ନେଇ ସ୍ଥାନୀୟ

## ସରୁନି ସବ୍‌ଷ୍ଟେସନ ନିର୍ମାଣ

ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ସୂଚନା ଯୋଗ୍ୟଯେ: ଧାମନଗର ସବ୍‌ଡିଭିଜନ ଅଧିନସ୍ଥ ଖଡ଼ିପଦା ଠାରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ ନିର୍ମାଣ କରାଯାଉଛି। ଦୋବଲ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ସମସ୍ୟାରୁ ବର୍ତ୍ତୀବା ପାଇଁ ଲୋକଙ୍କ ଅଭିଯୋଗ କ୍ରମେ ଖଡ଼ିପଦାରେ ସବ୍‌ଷ୍ଟେସନ ପାଇଁ ବ୍ୟୟ ବରାଦ ହୋଇଥିଲା। ୨୦୧୪ ମସିହାରେ ଏହି ବିଦ୍ୟୁତ୍ ସବ୍‌ଷ୍ଟେସନ ନିର୍ମାଣ ପାଇଁ ଧାମନଗରର ତତ୍କାଳୀନ ବିଧାୟକ ଏହାର



ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ବିଗତ ୬ବର୍ଷ ବିତିଯାଇଥିଲେ ବି ଏଯାଏଁ କାର୍ଯ୍ୟଶେଷ ହୋଇପାରିଲା ନାହିଁ। ଧାମନଗର ଇଲେକ୍ଟ୍ରିକାଲ ଏସଡିଓ ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ କୁହନ୍ତିଯେ ଖଡ଼ିପଦା ସବ୍‌ଷ୍ଟେସନ କାର୍ଯ୍ୟରେ ଆମ ପାଖରେ କୌଣସି କାଗଜ ପତ୍ର ନାହିଁ ଆମେ ଜାଣି ନାହୁଁ। ଯଦି ଜଣେ ଉପରସ୍ତ ଅଧିକାରୀଙ୍କ ଏଭଳି ମନ୍ତବ୍ୟ ଦିଅନ୍ତି ତାହାହେଲେ ଆମେ ତାଙ୍କଠାରୁ କାର୍ଯ୍ୟ ବିଷୟରେ କଣ ବା ଆଶ କରିବା। ଏହି ସବ୍‌ଷ୍ଟେସନ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** - ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ବିଦେଶ ଭ୍ରମଣ କରିପାରନ୍ତି।

**ବୃଷ** - ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ମିଥୁନ** - ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**କର୍କଟ** - ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ସିଂହ** - ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କନ୍ୟା** - ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ତୁଳା** - ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁିଧା ଲାଗି ରହିବ।

**ବିଛା** - ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।

**ଧନୁ** - ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ମକର** - ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** - ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।

**ମୀନ** - ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ମୋଦୀ ନାଁରେ ନୂଆ ରେକର୍ଡ

# ପଛରେ ପଡିଲେ ବାଜପେୟୀ

**ନୂଆଦିଲ୍ଲୀ :** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ରେକର୍ଡ ଭାଙ୍ଗି ଦେଶରେ ସର୍ବାଧିକ କାଳ ଅଣ କଂଗ୍ରେସ ପ୍ରଧାନମନ୍ତ୍ରୀ ହେବାରେ ନରେନ୍ଦ୍ର ମୋଦୀ ରେକର୍ଡ କରିଛନ୍ତି। ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବରେ ବାଜପେୟୀ ୨୨୬୮ ଦିନ କାର୍ଯ୍ୟ କରିଥିଲେ। ମୋଦୀ ଏହାକୁ ଅତିକ୍ରମ କରିଛନ୍ତି। ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବରେ ୨୨୬୯ ଦିନ (ଏ ପର୍ଯ୍ୟନ୍ତ) କାର୍ଯ୍ୟ କରି ବାଜପେୟୀଙ୍କ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ଏହି ରେକର୍ଡ ଅଟଳବିହାରୀ ବାଜପେୟୀଙ୍କ ନାମରେ ଥିଲା। ସେ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବରେ ସର୍ବାଧିକ ୨୨୬୮ ଦିନ ଶାସନ କରିଥିଲେ। ୧୯୯୮ ମାର୍ଚ୍ଚ ୧୯ ତାରିଖରେ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ସେ ୨୦୦୪ ମେ ୨୨ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ। ତାଙ୍କର ପ୍ରଥମ କାର୍ଯ୍ୟକାଳ ଅବଧି ୧୯୯୯ ଅକ୍ଟୋବର ୧୩ ତାରିଖରେ ଶେଷ ହୋଇଥିଲା ଓ ଦ୍ୱିତୀୟ ପ୍ରଧାନମନ୍ତ୍ରୀତ୍ୱ ସମୟ ୧୩ ଅକ୍ଟୋବର ୧୯୯୯ ରୁ ୨୦୦୪ ମେ ୨୨ ତାରିଖ ପର୍ଯ୍ୟନ୍ତ ରହିଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ପର୍ଯ୍ୟନ୍ତ ୨୨୬୯ ଦିନ



ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିସାରିଲେଣି। ଅଣ କଂଗ୍ରେସ ନେତା ଭାବରେ ଏହି ଅବଧି ସର୍ବାଧିକ। ୨୦୧୪ରେ ବିଜେପି ବହୁମତ ହାସଲ କରିଥିଲା ଓ ୨୦୧୪ ମେ ୨୬ ତାରିଖରେ ମୋଦୀ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ସେହିପରି ୨୦୧୯ରେ ସେ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ। ଦେଶ ସ୍ୱାଧୀନ ହେବା ପରେ ୧୯୪୭ ମସିହାରୁ ଏ ପର୍ଯ୍ୟନ୍ତ ଦେଶ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିସାରିଛି। ଜବାହରଲାଲ ନେହେରୁ ସର୍ବାଧିକ ସମୟ ଅର୍ଥାତ୍ ୬୧୩୦ ଦିନ ଦେଶର ପ୍ରଧାନମନ୍ତ୍ରୀ ରହିଥିଲେ। ତାଙ୍କ ପରେ ଇନ୍ଦିରା ଗାନ୍ଧି ଦେଶର ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ରହିଥିଲେ ଏବଂ ସେ ୫୮୨୯ ଦିନ କ୍ଷମତାରେ ଥିଲେ। ୧୯୬୬ ଜାନୁଆରୀ ୨୪ରୁ ମାର୍ଚ୍ଚ ୧୯୭୭ ପର୍ଯ୍ୟନ୍ତ କ୍ରମାଗତ ୧୧ ବର୍ଷ ୫୯ ଦିନ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହା ପରେ ସେ ୧୯୮୦ ଜାନୁଆରୀ ୧୪ରୁ ୧୯୮୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୪ ବର୍ଷ ୨୯୧ ଦିନ ପ୍ରଧାନମନ୍ତ୍ରୀ ରହିଥିଲେ। ଇନ୍ଦିରାଙ୍କ ପରେ ଡ. ମନମୋହନ ସିଂହ ତୃତୀୟ ସର୍ବାଧିକ ସମୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପଦରେ ରହିଥିଲେ। ସେ ୟୁପିଏ ୧ ଓ ୟୁପିଏ ୨ରେ ୧୦ ବର୍ଷ ଅର୍ଥାତ୍ ୩୬୫୬ ଦିନ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିବା ରେକର୍ଡ କରିଛନ୍ତି।

## ନୌସେନା କିଣିବ ୧୦ ଡ୍ରୋନ୍

**ନୂଆଦିଲ୍ଲୀ :** ଭାରତ ମହାସାଗରରେ ଦେଶର ସୁରକ୍ଷା ସ୍ଥିତିକୁ ଅଧିକ ମଜଭୁତ କରିବା ପାଇଁ ଯଥାଶୀଘ୍ର ୧୦ଟି ସିପ୍ଵର୍ଣ୍ଣ ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଭାରତୀୟ ନୌସେନା ପକ୍ଷରୁ ଭାରତୀୟ ମହାସାଗର ଅଞ୍ଚଳରେ ଯୁଦ୍ଧଜାହାଜ ସଂଖ୍ୟା ବୃଦ୍ଧି କରାଯାଥିଲା। ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତିରେ ଶତ୍ରୁର ଗତିବିଧି ଉପରେ ନଜର ରଖିବାକୁ ଡ୍ରୋନ୍ ସଂଖ୍ୟାରେ ମଧ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଡ୍ରୋନ୍ ଦ୍ୱାରା ଚୀନ ଏବଂ ଆଖପାଖ ଅଞ୍ଚଳ ଉପରେ ନଜର ରଖାଯିବ। ଏହି ଡ୍ରୋନ୍ ଗୁଡିକ ପଡୋଶୀ ଦେଶର ଯୁଦ୍ଧଜାହାଜ ଉପରେ ନଜର ରଖିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଭାରତୀୟ ନୌସେନା ଦ୍ୱାରା ଫାଷ୍ଟ-ଟ୍ରାକ୍ ମୋଡ୍‌ରେ ଏହି ପ୍ରସ୍ତାବ ଅଣାଯାଇଛି। ଏହି ଡ୍ରୋନ୍ କିଣିବା ପାଇଁ ପ୍ରାୟ ୧ ହଜାର ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ।

# ଲଦାଖରୁ ଚୀନ୍ ସେନା ହଟିବାକୁ ନାରାଜ

**ନୂଆଦିଲ୍ଲୀ :** ପୂର୍ବ ଲଦାଖ ଅଞ୍ଚଳରୁ ଚୀନ୍‌ସେନା 'ପିପୁଲ୍ସ ଲିବରେସନ୍ ଆର୍ମି' ହଟିବାକୁ ପ୍ରସ୍ତୁତ ନୁହେଁ। ଏହି ପରିପ୍ରେକ୍ଷୀରେ ଭାରତସ୍ଥିତ ଚୀନ୍ ରାଷ୍ଟ୍ରଦୂତ ସୁନ୍ ୱେଲଡୋଙ୍ଗ ତାଙ୍କ ଦୂତାବାସ ତରଫରୁ ପ୍ରକାଶିତ ମାସିକ ପତ୍ରିକା 'ଚାଇନା-ଇଣ୍ଡିଆ ରିଭ୍ୟୁ'ରେ ଲେଖିଛନ୍ତି, ଅର୍ଥନୀତି ସଂକ୍ରାନ୍ତ ଯେ କୌଣସି ପ୍ରକାରର ପ୍ରତିକୂଳ ନିଷ୍ପତ୍ତି ଭାରତର କ୍ଷତି କରିବ। ସେ ଆହୁରି ଲେଖିଛନ୍ତି, କେତେକ ଲୋକ ହୁରି ପକାଇଥିବା ଚୀନ୍-ଭାରତ ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କରେ ତଥାକଥିତ 'ଅସହଯୋଗ' ଏକ ଭ୍ରାନ୍ତ ଧାରଣା। ଭାରତର ବ୍ୟବସାୟୀଗୋଷ୍ଠୀ ଓ ଲୋକେ ଚୀନ୍-ଭାରତ ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗର ହିତାଧିକାରୀ ଅଟନ୍ତି। ଚୀନ୍ ବିରୋଧରେ କୌଣସି ଆତ୍ମ-ସୁରକ୍ଷା, ଅଣତାରିଫ , ବାଧକ ଏବଂ କଟକଣାମୁକ୍ତ ପଦକ୍ଷେପ ସମସ୍ତଙ୍କ ପାଇଁ ଅନ୍ୟାୟ। ଏଥିପାଇଁ ଆମେ ଉଚ୍ଚସ୍ତରୀୟ ଅର୍ଥନୈତିକ ଏବଂ ବାଣିଜ୍ୟ ଆଲୋଚନା କୌଶଳ ଉପରେ ଧ୍ୟାନ ଦେବା ଉଚିତ୍। ଏଥିଲାଗି ଗତ ବର୍ଷ ଅକ୍ଟୋବର ମାସରେ ଚେନ୍ନାଇ ଠାରେ ଦ୍ୱିତୀୟ ଅଣଆନୁଷ୍ଠାନିକ ଶିଖର ବୈଠକରେ ଦୁଇ ଦେଶର ନେତା ସମ୍ମତ ହୋଇଥିଲେ। ରାଷ୍ଟ୍ରଦୂତ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତ ଓ ଚୀନ୍ ପରସ୍ପରର ବିଶ୍ୱାସଭାଜନ ହେବା ଉଚିତ୍। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ବ ଲଦାଖରୁ ସୈନ୍ୟ ଅପସାରଣ ନିମନ୍ତେ ଭାରତ ଓ ଚୀନ୍ ମଧ୍ୟରେ ବହୁବାର କୂଟନୈତିକ ଓ ସାମରିକ ଆଲୋଚନା ହୋଇଥିଲେ ବି ଫିଙ୍ଗର ଫୋର ଓ ଏଇଟ୍ ଅଞ୍ଚଳରୁ ପିପୁଲ୍ସ ଲିବରେସନ ଆର୍ମି ହଟିବାକୁ ରାଜି ହେଉନାହିଁ।

## ଭାରତରେ ଜଳକଷ୍ଟ ସୃଷ୍ଟି କରିବାକୁ ଚୀନ୍‌ର ଚକ୍ରାନ୍ତ

**ନୂଆଦିଲ୍ଲୀ :** ଭାରତର କେତୋଟି ପ୍ରମୁଖ ନଦୀ ତିବ୍ବତରୁ ବାହାରିଥିବାରୁ ଉପରମୁଣ୍ଡରେ ନଦୀ ବନ୍ଧମାନ ନିର୍ମାଣ କରି ଭାରତୀୟ ଜଳ ଉପରେ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛି ଚୀନ୍। ଏହି ନଦୀର ଜଳସ୍ରୋତର ଧାରାକୁ ଚୀନ୍ ବଦଳାଇ ଦେଇ ଚୀନ୍ ଭାରତରେ ଜଳସଙ୍କଟ ସୃଷ୍ଟିକରିବା ମସୁଧାରେ ରହିଛି। ଏପରି ହେଲେ ଆଗକୁ ଭାରତର ଜଳ ସମସ୍ୟା ଆହୁରି ବଢିବାର ଆଶଙ୍କା ରହିଛି। ଭାରତର ଏକ ପ୍ରମୁଖ ନଦୀ ହେଉଛି ବ୍ରହ୍ମପୁତ୍ର ନଦୀ। ଏହା କେବଳ ଭାରତ ନୁହେଁ, ବାଂଲାଦେଶ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଜଳଉତ୍ସ। କିନ୍ତୁ ଚୀନ୍ ବ୍ରହ୍ମପୁତ୍ରର ଉପରମୁଣ୍ଡରେ ଏକାଧିକ ବୃହତ ନଦୀ ବନ୍ଧ ନିର୍ମାଣ କରି ପାଣିକୁ ଅଟକାଇ ରଖୁଛି। ପୁଣି ବେଳେ ବେଳେ ଆବଶ୍ୟକ ପୂର୍ବ ସୂଚନା ନଦେଇ ପାଣି ଛାଡିଦେଉଛି। ଏହା ଦ୍ୱାରା ଆସାମ ଓ ବାଂଲାଦେଶରେ ମରୁଡି ଓ ବନ୍ୟା ଦେଖାଦେଉଛି। ୨୦୧୭ରେ ଭାରତ ଓ ଚୀନ୍‌ର ଡୋକଲାମ ବିବାଦ ପରେ ଚୀନ୍ କୌଣସି ପୂର୍ବ ସୂଚନା ନଦେଇ ହଠାତ୍ ବ୍ରହ୍ମପୁତ୍ର ନଦୀରେ ପାଣି ଛାଡିଦେବାରୁ ଆସାମରେ ବନ୍ୟା ଆସିଥିଲା ଓ ଅନେକ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ବ୍ରହ୍ମପୁତ୍ର ଉପର ମୁଣ୍ଡରେ ଆଉ କେତେକ ଡ୍ୟାମ ନିର୍ମାଣ କରି ପାଣିକୁ ପଶ୍ଚିମ ତିବ୍ବତରେ ଥିବା ସିଜିଆନ୍ ପ୍ରଦେଶଆଡକୁ ମୋଡିବାକୁ ଯୋଜନା କରୁଛି। ଏପରି ହେଲେ ବ୍ରହ୍ମପୁତ୍ରରେ ପାଣି କମିଯିବ ଓ ଭାରତର ଉତ୍ତର-ପୂର୍ବାଞ୍ଚଳରେ ଭୀଷଣ ଜଳ ସମସ୍ୟା ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

# ଏଚ୍-୧ବି ଭିସାଧାରୀଙ୍କ ପ୍ରତି ସଂଶୋଧିତ ନିୟମ ଲାଗୁ

**ୱାଶିଂଟନ୍ :** ଗୁରୁବାର ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏଚ୍-୧ବି ଭିସାଧାରୀଙ୍କ ପ୍ରତି ସଂଶୋଧିତ ନିୟମ ଲାଗୁ କରାଯାଇଛି। ପୂର୍ବରୁ ଜାରି କରାଯାଇଥିବା କଠୋର କଟକଣାକୁ କିଛିମାତ୍ରାରେ କୋହଳ କରି ଦିଆଯିବା ଫଳରେ ବହୁ ଭାରତୀୟ କର୍ମଚାରୀ ସନ୍ତୋଷ ପ୍ରକାଶ କରିଛନ୍ତି। ସଂଶୋଧିତ ଭିସା ନିୟମ ଅନୁସାରେ ଏଣିକି ଏଚ୍-୧ବି ଭିସାଧାରୀମାନେ ସ୍ତ୍ରୀ ଓ ପିଲାମାନଙ୍କୁ ଧରି ଗସ୍ତ କରିପାରିବେ। ତା' ସହିତ ଏଚ୍-୧ବି ଭିସାଧାରୀ ତାଙ୍କ କର୍ମସ୍ଥଳୀରେ ପୂର୍ବ ପଦବୀରେ ନିଯୁକ୍ତି ପାଇପାରିବେ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ନିର୍ବାଚନକୁ ଦୃଷ୍ଟିରେ ରଖି ଟ୍ରମ୍ପ ଆମେରିକାର ବୈଦେଶିକ ନୀତି ପ୍ରତି କୋହଳ ଆଭିମୁଖ୍ୟ ପୋଷଣ କରିଛନ୍ତି ବୋଲି କୁହାଯାଉଛି। ସଂଶୋଧିତ ଭିସା କଟକଣାରେ ପେଶାଦାର ସ୍ୱାସ୍ଥ୍ୟ ବିଶେଷଜ୍ଞ, ବୈଷୟିକ ତାଲିମପ୍ରାପ୍ତ ଅଧିକାରୀ, ସରକାରୀ ଓ ବେସରକାରୀ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଅବସ୍ଥାପିତ ପ୍ରବାସୀ ନାଗରିକମାନେ ସୁବିଧା ଲାଭ କରିବେ। ଆମେରିକାର ଆର୍ଥିକ ବିପର୍ଯ୍ୟସ୍ତକୁ ସଜାଡ଼ିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମହାମାରୀ ଫଳରେ ଦେଶରେ ବେରୋଜଗାରଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବା ସମ୍ପର୍କରେ ଜୁନ ୨୨ ରିପୋର୍ଟରେ ପ୍ରକାଶ ପାଇଥିଲା। ପରିସ୍ଥିତିକୁ ସୁଧାରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଚଳିତବର୍ଷ ଶେଷ ପର୍ଯ୍ୟନ୍ତ ଏଚ୍-୧ବି ସମେତ ଅନ୍ୟାନ୍ୟ ଭିସାଗୁଡ଼ିକ ଉପରୁ ସମସ୍ତ କଟକଣା ପ୍ରତ୍ୟାହାର କରି ନେଇଛନ୍ତି। ଟ୍ରମ୍ପ ଘୋଷଣା ଅନୁସାରେ ଏଚ୍-୧ବି ଭିସାଧାରୀଙ୍କ ଯୋଗ୍ୟତା, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ପ୍ରତି ବିଚାର କରି ସଂଶୋଧିତ ଭିସାନୀତି ଅନୁସାରେ ଅନୁମତି ପ୍ରଦାନ କରାଯିବ। ଉଭୟ ବିଦେଶୀ ନାଗରିକ ଓ ମୂଳବାସିନ୍ଦାଙ୍କ ପେଟପାଟଣାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ଭାରତ ଓ




ଚୀନରୁ ପ୍ରାୟ ୧୦ ହଜାର ଲେଖାଏଁ ମେଧାଶକ୍ତିଙ୍କୁ ଆମେରିକା ଆଇଟି ସେକ୍ଟର ନିଯୁକ୍ତି ପ୍ରଦାନ କରିଥାଏ। ଏହି ମେଧାଶକ୍ତି ବଳରେ ଆମେରିକାର ଆଇଟି ସେକ୍ଟର ବର୍ଷକୁ କୋଟିକୋଟି ଡଲାର ଆୟ କରିଥାନ୍ତି। ଏଚ୍-୧ବି ଭିସା ବଳରେ ଜଣେ ବିଦେଶୀ ନାଗରିକ ଆମେରିକାରେ ସ୍ୱଳ୍ପକ୍ଷଣ ପାଇଁ କାର୍ଯ୍ୟ କରିବାର ଅନୁମତି ଲାଭ କରିଥାନ୍ତି। ଆମେରିକାରେ ଏଚ୍-୧ବି ଭିସାଧାରୀ ୫ ଲକ୍ଷ ପ୍ରବାସୀ ନାଗରିକଙ୍କ ମଧ୍ୟରୁ ପ୍ରାୟ ୭୪% ହେଉଛନ୍ତି ଭାରତୀୟ ନାଗରିକ। ତା' ସହିତ ଏଚ୍-୨ବି ଭିସା କ୍ଷେତ୍ରରେ ମଧ୍ୟ କୋହଳ ନୀତି ଅବଲମ୍ବନ କରାଯାଇଛି। ଏହି ଭିସା ବଳରେ ଅଳ୍ପଶିକ୍ଷିତ ପ୍ରବାସୀ ନାଗରିକମାନେ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ପାଇଥାନ୍ତି। ଏହା ବ୍ୟତୀତ ଜେ-୧ ଓ ଏଲ୍-୧ ଭିସା ବଳରେ କମ୍ପାନୀର କର୍ମଚାରୀମାନେ କିଛିଦିନ ପାଇଁ ଗସ୍ତ କରିବାର ସୁଯୋଗ ପାଇଥାନ୍ତି। ଗତ ଏପ୍ରିଲରେ ରାଷ୍ଟ୍ରପତି ଟ୍ରମ୍ପ ଜାରି କରିଥିବା ଘୋଷଣାନାମାରେ ୬୦ ଦିନ ପାଇଁ ପ୍ରବାସୀ ନାଗରିକଙ୍କ ଭିସା ଅକାମୀ କରିବା ବିଷୟ ଉଲ୍ଲେଖ କରିଥିଲେ। ଏପରି କରିବା ଫଳରେ ସେ ଆମେରିକୀୟଙ୍କ କର୍ମନିଯୁକ୍ତି ଓ ଆର୍ଥିକ ସ୍ଥିତିରେ ସୁଧାର ପାଇଁ ବାଟ ଖୋଲିଥିବା ବିଷୟ ଜଣାଇଥିଲେ। ମାତ୍ର ସଂଶୋଧିତ ଭିସାନୀତି ଲାଗୁ କରି ସେ ଭାରତ ଭଳି ବହୁ ଦେଶର ପେସାଦାର ଲୋକଙ୍କ ମନରେ ନୂତନ ଆଶା ସଞ୍ଚାର କରିଛନ୍ତି।

# ଟିକସ ବ୍ୟବସ୍ଥା ବାଧାମୁକ୍ତ, ଯନ୍ତ୍ରଣାମୁକ୍ତ ଓ ସାକ୍ଷାତମୁକ୍ତ ହେବା ଆବଶ୍ୟକ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,(ପିଆଇବି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ "ପାରଦର୍ଶୀ ଟିକସବ୍ୟବସ୍ଥା-ସଚ୍ଚୋଟଙ୍କୁ ସମ୍ମାନ" ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ଜାରି ରହିଥିବା ଢାଞ୍ଚାଗତ ସଂସ୍କାରର ପ୍ରକ୍ରିୟା ଆଜି ଏକ ନୂଆ ସୋପାନରେ ପହଁଚିଛି। ଏକବିଂଶ ଶତାବ୍ଦୀର ଟିକସ ବ୍ୟବସ୍ଥାର ଆବଶ୍ୟକତା ପୂରଣ କରିବା ଲାଗି 'ପାରଦର୍ଶୀ ଟିକସବ୍ୟବସ୍ଥା-ସଚ୍ଚୋଟଙ୍କୁ ସମ୍ମାନ' ପ୍ଲାଟଫର୍ମର ଲୋକାର୍ପଣ କରାଯାଇଛି। ଏହି ପ୍ଲାଟଫର୍ମରେ ଫେସଲେସ ଆସେସମେଣ୍ଟ (ସାକ୍ଷାତମୁକ୍ତ ଆକଳନ), ଫେସଲେସ ଅପିଲ (ସାକ୍ଷାତମୁକ୍ତ ଆବେଦନ) ଏବଂ ଟିକସଦାତା ଚାର୍ଟର ଭଳି ବଡ଼ ସଂସ୍କାର ରହିଛି। ସେ କହିଥିଲେ ଯେ ସାକ୍ଷାତମୁକ୍ତ ଆକଳନ ଏବଂ ଟିକସଦାତା ଚାର୍ଟର ଆଜିଠାରୁ ଲାଗୁ ହେଉଛି। ସାକ୍ଷାତମୁକ୍ତ ଆବେଦନ ସୁବିଧା ୨୫ ସେପ୍ଟେମ୍ବର ଅର୍ଥାତ ଦୀନ ଦୟାଳ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ ନାଗରିକମାନଙ୍କ ପାଇଁ ଉପଲବ୍ଧ ହେବ। ଏବେ ଟିକସ ବ୍ୟବସ୍ଥା ସାକ୍ଷାତମୁକ୍ତ ହୋଇଥିବା ବେଳେ ଏହା ଟିକସଦାତାମାନଙ୍କୁ ସ୍ୱଚ୍ଛତା ଏବଂ ଭୟଶୂନ୍ୟତାର ବିଶ୍ୱାସ ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଗତ ୬ ବର୍ଷ ଧରି ବ୍ୟାଙ୍କ ସେବାରୁ ବଞ୍ଚିତ ଲୋକମାନଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେବା, ଅସୁରକ୍ଷିତମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ ପାଣିରୁ ବଞ୍ଚିତ ଲୋକମାନଙ୍କୁ ପାଣି ଯୋଗାଇ ଦେବା ଦିଗରେ ଆମ ସରକାର କାର୍ଯ୍ୟ କରିଆସିଛି। "ସଚ୍ଚୋଟଙ୍କୁ ସମ୍ମାନ" ଏ ଦିଗରେ ଆଉ ଏକ ପଦକ୍ଷେପ। ଦେଶର ସଚ୍ଚୋଟ ଟିକସଦାତା ରାଷ୍ଟ୍ର ନିର୍ମାଣରେ ବହୁତ ବଡ଼ ଭୂମିକା ନିର୍ବାହ କରିଥାନ୍ତି ବୋଲି କହି ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସେ କହିଥିଲେ, "ଦେଶର ସଚ୍ଚୋଟ ଟିକସଦାତାମାନଙ୍କ ଜୀବନ ସହଜ ହେଲେ, ଆଗକୁ ବଢ଼ିଲେ, ସାରା ଦେଶର ବିକାଶ ହୋଇଥାଏ, ଦେଶ ମଧ୍ୟ ଆଗକୁ ବଢ଼ିଥାଏ।" ପ୍ରଧାନମନ୍ତ୍ରୀ କହିଥିଲେ, ଆଜିଠାରୁ ଆରମ୍ଭ ହେଉଥିବା ନୂଆ ବ୍ୟବସ୍ଥା, ନୂଆ ସୁବିଧା, ସର୍ବନିମ୍ନ ସରକାର, ସର୍ବାଧିକ ପ୍ରଶାସନ ପ୍ରତି ଆମର ପ୍ରତିବଦ୍ଧତାକୁ ଅଧିକ ମଜବୁତ କରୁଛି। ସେ କହିଥିଲେ, ପ୍ରତ୍ୟେକ ନିୟମ-କାନୁନ, ପ୍ରତ୍ୟେକ ନୀତିକୁ ପ୍ରକ୍ରିୟା ଏବଂ କ୍ଷମତା କୈନ୍ଦ୍ରିକ ଆଭିମୁଖ୍ୟ ଠାରୁ ବାହାରକୁ ଆଣି ତା'କୁ ଜନକୈନ୍ଦ୍ରିକ ଏବଂ ଜନ ଅନୁକୂଳ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ନୂଆ ଭାରତରେ ନୂଆ ପ୍ରଶାସନିକ ମଡେଲର ପ୍ରୟୋଗ । ଏହାର ସୁଖଦ ପରିଣାମ ମଧ୍ୟ ଦେଶକୁ ମିଳିବାରେ ଲାଗିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏବେ ଦେଶରେ ଏପରି ଏକ ପରିବେଶ ସୃଷ୍ଟି ହୋଇଚାଲିଛି ଯେଉଁଠି କର୍ତ୍ତବ୍ୟ ଭାବନାକୁ ସର୍ବୋପରି ରଖାଯାଇ ସମସ୍ତ କାମ କରାଯାଉଛି। କେବଳ କଠୋର ବ୍ୟବସ୍ଥା ଏବଂ ଦଣ୍ଡର ଭୟ କାରଣରୁ ଏପରି ଫଳ ମିଳିନାହିଁ। ବରଂ ସାମଗ୍ରିକ ଆଭିମୁଖ୍ୟକୁ ବୁଝି ତାହାକୁ ଗ୍ରହଣ କରିବା ଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସେ କହିଥିଲେ ଯେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ କେବଳ ଚିରାଚରିତ ଧାରା ନୁହେଁ ବରଂ ସାମଗ୍ରିକ ଆଭିମୁଖ୍ୟ ନେଇ ଫଳାଫଳ ପ୍ରଦାନ କରିବା ଲାଗି ଉଦ୍ଦିଷ୍ଟ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ଟିକସ ବ୍ୟବସ୍ଥାରେ ମୌଳିକ ଏବଂ ଢାଂଚାଗତ ସଂସ୍କାରର ଆବଶ୍ୟକତା ରହିଥିଲା। କାରଣ ଆମ ପାଖରେ ଥିବା ଆଜିର ଏହି ବ୍ୟବସ୍ଥା ପ୍ରାକ-ସ୍ୱାଧୀନତା ଅମଳରେ ପ୍ରସ୍ତୁତ ହୋଇଥିଲା। ସ୍ୱାଧୀନତା ପରେ ଏଥିରେ ଅଳ୍ପବହୁତ ପରିବର୍ତ୍ତନ କରାଯାଇଥିଲା, କିନ୍ତୁ ବ୍ୟବସ୍ଥାର ବ୍ୟାପକ ସ୍ୱଭାବ ସେହିପରି ରହିଥିଲା ବୋଲି ସେ କହିଥିଲେ। ସେ କହିଥିଲେ ଯେ ପୂର୍ବ ବ୍ୟବସ୍ଥାରେ ଜଟିଳତା ରହିଥିବା କାରଣରୁ ସ୍ୱଚ୍ଛତା ଆସିପାରୁନଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେଉଁଠି ଜଟିଳତା ଥାଏ, ସେଠି ଅନୁପାଳନ ସହଜ ହୋଇନଥାଏ। ଏହାର ଏକ ଉଦାହରଣ ହେଉଛି ଜିଏସଟି ଯାହା ଡଜନରୁ ଊର୍ଦ୍ଧ୍ୱ ଟିକସ ବ୍ୟବସ୍ଥା ପରିବର୍ତ୍ତେ ଲାଗୁ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ନୂଆ ଆଇନ ଟିକସ ବ୍ୟବସ୍ଥାରେ ଆଇନଗତ ବୋଝ ହ୍ରାସ କରିଛି। ଏବେ ହାଇକୋର୍ଟରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ସୁପ୍ରିମକୋର୍ଟରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ମାମଲା ଯିବା ଲାଗି ସୀମା ନିର୍ଦ୍ଧାରଣ କରାଯାଇଛି। ବିବାଦରୁ ବିଶ୍ୱାସ ଭଳି ଯୋଜନା ମାଧ୍ୟମରେ ଅଧିକାଂଶ ମାମଲା କୋର୍ଟ ବାହାରେ ହିଁ ସମାଧାନ କରିବାର ମାର୍ଗ ପ୍ରଶସ୍ତ କରିଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରକ୍ରିୟାଗତ ଜଟିଳତା ସହିତ ଟିକସ ମଧ୍ୟ ଦେଶରେ ହ୍ରାସ କରାଯାଇଛି। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଏବେ ଜିରୋ ଟିକସ ଲାଗୁ ହେଉଛି। ବାକି ସ୍ଲାବରେ ମଧ୍ୟ ଟିକସ କମ ହୋଇଛି। କର୍ପୋରେଟ ଟିକସ ବ୍ୟାପାରରେ ଆମେ ବିଶ୍ୱର ସବୁଠୁ କମ ଟିକସ ନେଉଥିବା ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ। ପ୍ରଧାନମନ୍ତ୍ରୀ କହିଥିଲେ, ବର୍ତ୍ତମାନର ସଂସ୍କାର ଜରିଆରେ, ଆମର ଟିକସ ବ୍ୟବସ୍ଥାକୁ ବାଧାମୁକ୍ତ(ସିମଲେସ), ଯନ୍ତ୍ରଣାମୁକ୍ତ(ପେନଲେସ), ସାକ୍ଷାତମୁକ୍ତ (ଫେସଲେସ) କରିବା ଲାଗି ପ୍ରୟାସ କରାଯାଉଛି। ସେ କହିଥିଲେ, ସିମଲେସ ଅର୍ଥାତ ଟିକସ ପ୍ରଶାସନ ପ୍ରତ୍ୟେକ ଟିକସଦାତାଙ୍କୁ ଫସାଇବା ବଦଳରେ ସମସ୍ୟା ସମାଧାନ କରିବାର କାମ କରିବ। ପେନଲେସ ଅର୍ଥାତ ପ୍ରଯୁକ୍ତିଠାରୁ ଆରମ୍ଭ କରି ନିୟମ ପର୍ଯ୍ୟନ୍ତ ସବୁକିଛି ସହଜ ହେବ। ଫେସଲେସ ଅର୍ଥାତ ଟିକସଦାତା ଏବଂ ଟିକସ ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ସାକ୍ଷାତ ବିନା ସମସ୍ତ ପ୍ରସଙ୍ଗ ଯେପରିକି ଯାଂଚ, ନୋଟିସ କିମ୍ବା ଆକଳନ କାର୍ଯ୍ୟ ସମ୍ପାଦନ କରାଯିବ। ଟିକସଦାତା ଚାର୍ଟର ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଟିକସଦାତା ଚାର୍ଟର ମଧ୍ୟ ଦେଶର ବିକାଶଯାତ୍ରା ଦିଗରେ ବହୁତ ବଡ଼ ପଦକ୍ଷେପ। ଏଥିରେ ଟିକସଦାତାମାନଙ୍କୁ ଉଚିତ, ବିନମ୍ର ଓ ତର୍କସଂଗତ ବ୍ୟବହାର ପାଇଁ ଭରସା ଦିଆଯାଇଛି। ଅର୍ଥାତ ଆୟକର ବିଭାଗ ଏବେ ସମ୍ବେଦଶୀଳତା ସହିତ ଟିକସଦାତାଙ୍କ ସମ୍ମାନ ପ୍ରତି ଧ୍ୟାନ ରଖିବ। ଏହା ଏକ ବିଶ୍ୱାସ ଆଧାରିତ ବ୍ୟବସ୍ଥା । ବିଭାଗ ଏବେ ଅକାରଣରେ ଟିକସଦାତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିପାରିବ ନାହିଁ। ଟିକସ ଯାଂଚ ମାମଲାରେ ହ୍ରାସ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ୨୦୧୨-୧୩ରେ ଯେତିକି ଟିକସ ରିଟର୍ଣ୍ଣ ଦାଖଲ କରାଯାଉଥିଲା, ସେଥିମଧ୍ୟରୁ ୦.୯୪ ପ୍ରତିଶତ ଯାଂଚ କରାଯାଉଥିଲା। ୨୦୧୮-୧୯ ଏହି ତଥ୍ୟ ହ୍ରାସ ପାଇ ୦.୨୬ ପ୍ରତିଶତରେ ପହଁଚିଛି। ଅର୍ଥାତ ମାମଲା ଯାଂଚ, ପାଖାପାଖି ୪ଗୁଣା କମ ହୋଇଛି। ଏହା ରିଟର୍ଣ୍ଣ ଦାଖଲକାରୀଙ୍କ ଉପରେ ସରକାରଙ୍କ ଭରସାକୁ ପ୍ରତିଫଳିତ କରୁଛି। ସେ କହିଥିଲେ ଯେ ବିଗତ ୬ ବର୍ଷ ମଧ୍ୟରେ ଭାରତର ଟିକସ ବ୍ୟବସ୍ଥାରେ ପ୍ରଶାସନର ଏକ ନୂଆ ମଡେଲ ବିକଶିତ ହୋଇଥିବା ପରିଲକ୍ଷିତ ହୋଇଛି। ଏ ସମସ୍ତ ପ୍ରୟାସ ମଧ୍ୟରେ ବିଗତ ୬-୭ ବର୍ଷ ମଧ୍ୟରେ ଆୟକର ରିଟର୍ଣ୍ଣ ଭରୁଥିବା ଲୋକଙ୍କ ସଂଖ୍ୟା ପାଖାପାଖି ଅଢ଼େଇ କୋଟି ବଢ଼ିଛି। ତେବେ ପ୍ରଧାନମନ୍ତ୍ରୀ କହିଥିଲେ, ଏହାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ଏହା ଏବେବି ଖୁବ କମ ରହିଛି। ଏତେ ବଡ଼ ଦେଶରେ ମାତ୍ର ଦେଢ଼ କୋଟି ସାଥୀ ଆୟକର ଜମା କରୁଛନ୍ତି। ଏଥିପ୍ରତି ଆତ୍ମସମୀକ୍ଷା କରିବା ଏବଂ ଟିକସଦେବାକୁ ଆଗେଇ ଆସିବା ନିମନ୍ତେ ଶ୍ରୀ ମୋଦୀ ଦେଶବାସୀଙ୍କୁ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଆତ୍ମନିର୍ଭର ଭାରତ ନିର୍ମାଣରେ ସହାୟକ ହୋଇପାରିବ।

## ସଶକ୍ତ ହେବ ଗଣଶିକ୍ଷା ବିଭାଗ

# ପ୍ରତି ଜିଲ୍ଲା ପାଇଁ ନୋଡାଲ ଅଧିକାରୀ ନିୟୋଜିତ

**ଭୁବନେଶ୍ୱର :** ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବ୍ୟବସ୍ଥାକୁ ଚଳଚଞ୍ଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି। ଏଥିରେ ଯୁଗ୍ମ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକମାନେ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମକୁ ତଦାରଖ କରିବେ। ପ୍ରତ୍ୟେକ ସୋମବାର ବିଭାଗର ପ୍ରମୁଖ ସଚିବ ଶ୍ରୀ ସାହୁ ବରିଷ୍ଠ ଅଧିକାରୀଙ୍କ ସହିତ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ତେବେ ସୋମବାର ସଚିବ ଶ୍ରୀ ସାହୁ ବିଭାଗର ସମସ୍ତ ନିର୍ଦ୍ଦେଶକ, ଅତିରିକ୍ତ ଯୁଗ୍ମ ସଚିବଙ୍କ ସହିତ ବିଭାଗର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ ଗଣଶିକ୍ଷା ବିଭାଗରେ ବିଭିନ୍ନ ପଦୋନ୍ନତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଥିବା ବେଳେ ଖାଲିଥିବା ପଦବୀଗୁଡ଼ିକୁ ପଦୋନ୍ନତି ଦିଆଯାଇ ଖୁବଶୀଘ୍ର ପୂରଣ କରିବା ପାଇଁ ଚିଠା ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ କୋଭିଡ ଯୋଗୁଁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ପାଠ୍ୟକ୍ରମକୁ ଚଳିତବର୍ଷ କମ୍ କରିବା ପାଇଁ ପ୍ରମୁଖ ଶାସନ ସଚିବ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୦୨୦-୨୧ ମଧ୍ୟରେ ୫୬ହଜାର ଶିକ୍ଷକଙ୍କୁ ପଦୋନ୍ନତି ଦିଆଯିବ ବୋଲି ମଧ୍ୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

# 'ଲକ୍ଷଣ ଥିଲେ ଲୁଚାଅନି, ଟେଷ୍ଟିଂ ପାଇଁ ଆଗେଇ ଆସ'

**ଭୁବନେଶ୍ୱର :** ପଇସା ଅଭାବରୁ କେହି ଜଣେ ବି କୋଭିଡ୍ ରୋଗୀ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଆଜି ଭିଡିଓ କନଫରେନ୍ସିଂ ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟ ସରକାର ରୋଗୀ ମାନଙ୍କୁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ଆଦି ସବୁ ସୁବିଧା ମାଗଣାରେ ଯୋଗାଇ ଦେଉଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠାରେ କି ଧନୀ, ଗରିବ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଅଧିକରୁ ଅଧିକ ଲୋକଙ୍କ ଜୀବନ ଯେପରି ବଞ୍ଚାଯାଇପାରିବ ସେ ଦିଗରେ ଆମେ ନିଷ୍ଠାର ସହିତ କାର୍ଯ୍ୟ କରୁଛୁ। କରୋନାକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲକ୍ଷଣ ପ୍ରକାଶ ମାତ୍ରକେ ତୁରନ୍ତ ସ୍ୱେଚ୍ଛାକୃତ ଭାବରେ ଟେଷ୍ଟିଂ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହାଦ୍ୱାରା ସଂକ୍ରମଣ ନିୟନ୍ତ୍ରଣ ହେବା ସହିତ ଆରୋଗ୍ୟ ହାର ମଧ୍ୟ ଆହୁରି ଭଲ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗତକାଲି ରାଜ୍ୟରେ ଗୋଟିଏ ଦିନରେ ୩୨ ହଜାର ଟେଷ୍ଟିଂ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଲୋକମାନେ ଯେପରି ସୁବିଧାରେ ଟେଷ୍ଟିଂ କରିପାରିବେ ସେଥିପାଇଁ ସବ୍-ଡିଭିଜନ ସ୍ତରରେ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଟେଷ୍ଟିଂ ସୁବିଧା ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଲୋକମାନେ ଯେପରି ସ୍ୱେଚ୍ଛାରେ ଟେଷ୍ଟିଂ ପାଇଁ ଆଗେଇ ଆସିବେ ସେଥିପାଇଁ ବିଡିଓ ଓ ପଞ୍ଚାୟତ ପ୍ରତିନିଧିମାନେ ସଚେତନତା ଅଭିଯାନ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ରୋଗକୁ ଭୟ ନ କରି ଚିକିତ୍ସା ପାଇଁ ଆଗେଇ ଆସିବା ସହିତ ରୋଗୀଙ୍କୁ ଘୃଣା ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏ ଦିଗରେ ଲୋକ ପ୍ରତିନିଧିମାନେ ଜନସାଧାରଣଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ସ୍ୱଳ୍ପ ଓ ଲକ୍ଷଣ ବିହୀନ ରୋଗୀମାନଙ୍କୁ ଘରେ ଚିକିତ୍ସା ଯୋଗାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଏବଂ ରୋଗୀମାନଙ୍କୁ ମେଡିସନ୍ କିଟ୍ ଓ ଟେଲି ମେଡିସିନ ଯୋଗେ ଡାକ୍ତରୀ ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା, ସୁନ୍ଦରଗଡ, କଟକ ଓ ଯାଜପୁର ଜିଲ୍ଲାଗୁଡିକ ଉପରେ ଅଧିକ




ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଗତ ପାଞ୍ଚମାସ ଧରି ରାଜ୍ୟବାସୀ ଯେଭଳି ସାହସର ସହ ଲଢ଼େଇ ଜାରି ରଖିଛନ୍ତି ତାହା ଆମକୁ ଉତ୍ସାହଜନକ ସଫଳତା ଦେଇଛି। ଏଥିପାଇଁ ଆଗ ଧାଡିର କୋଭିଡ୍ ଯୋଦ୍ଧା ତଥା ଲୋକପ୍ରତିନିଧି ମାନଙ୍କର ନିରନ୍ତର ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଗତ ତିନି ସପ୍ତାହ ମଧ୍ୟରେ ରାଜ୍ୟରେ ପାଞ୍ଚଟି ପ୍ଲାଜମା ବ୍ୟାଙ୍କ ସ୍ଥାପନ ହୋଇପାରିଛି ଏବଂ ଏହି ଚିକିତ୍ସା ଜରିଆରେ ରୋଗୀମାନେ ଭଲ ଫଳ ପାଇପାରୁଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନ ତଥା ଡାକ୍ତରମାନଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ ଯେ, ସାରା ଦେଶରେ କୋଭିଡ୍ ନିୟନ୍ତ୍ରଣରେ ଓଡ଼ିଶାର ସମସ୍ତ ସୂଚକାଙ୍କ ଉତ୍ସାହଜନକ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୪୯ଜଣ ପ୍ଲାଜମା ଡୋନର ପ୍ଲାଜମା ଦାନ କରିଥିବା ବେଳେ ୧୩୨ଜଣ ପ୍ଲାଜମା ଥେରାପିରେ ଚିକିତ୍ସିତ ହେଉଛନ୍ତି। ୧୩ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ବେଳେ ୯୮ଜଣଙ୍କ ସ୍ୱାସ୍ଥ୍ୟରେ ଆଖିଦୃଶିଆ ଉନ୍ନତି ଆସିଛି। ବର୍ତ୍ତମାନ ରାଜ୍ୟରେ ଆରୋଗ୍ୟ ହାର ୬୮.୬% ଥିବା ବେଳେ ମୃତ୍ୟୁହାର ୦.୬୦ ରହିଛି। ତିନୋଟି ସରକାରୀ ମେଡିକାଲ କଲେଜରେ ଅତିରିକ୍ତ ଆରଟି-ପିସିଆର ମେସିନ୍ ସ୍ଥାପନ କରିବା, ରାଜ୍ୟରେ ଲାବ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଜିଲ୍ଲାସ୍ତରରେ ପ୍ଲାଜମା ଦାତାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର ଓ କଟକ ଜିଲ୍ଲାର କୋଭିଡ୍ ପର୍ଯ୍ୟବେକ୍ଷକମାନଙ୍କ ସହ ଜିଲ୍ଲାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ଅର୍ଥ ବିଭାଗ ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି), ଇଆଣ୍ଡଆଇଟି ବିଭାଗ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଡିଏସ୍ଆରଙ୍କୁ କରୋନା

*ଭୁବନେଶ୍ୱର : ମହାମାରୀ କରୋନା ସାରା ରାଜ୍ୟରେ ନିଜର କାୟା ବିସ୍ତାର କରି ଚାଲିଥିଲା ବେଳେ ଭୁବନେଶ୍ୱର ଜିଲ୍ଲା ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ୭ଜଣ କର୍ମଚାରୀ ବର୍ତ୍ତମାନ ପର୍ଯ୍ୟନ୍ତ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଡିଏସ୍ଆର ପବିତ୍ର କୁମାର ସାମଲ, ବିଭାଗୀୟ ତିନି କର୍ମଚାରୀଙ୍କ ସମେତ ତିନିଜଣ ଡାଟାଏଣ୍ଟ୍ରି ଅପରେଟର ମଧ୍ୟ କରୋନା ଆକ୍ରାନ୍ତ ବୋଲି ଚିହ୍ନଟ ହୋଇଛନ୍ତି। ଘଟଣା ପ୍ରଘଟ ହେବା ପରେ ଏମାନେ ସମସ୍ତେ ଘରୋଇ ସଙ୍ଗରୋଧରେ ରହିଥିଲା ବେଳେ ଡିଏସ୍ଆର କାର୍ଯ୍ୟାଳୟକୁ ସାନିଟାଇଜ୍ କରି ବନ୍ଦ କରିଦିଆଯାଇଛି। ଏଠାକୁ କାର୍ଯ୍ୟରେ ଆସୁଥିବା ଓକିଲ, ମହକିଲ ଓ ଅନ୍ୟମାନଙ୍କୁ ସତର୍କ ରହିବାକୁ ସୂଚନା ପ୍ରଦାନ କରାଯାଇଛି।*



## ୩ ମହିଳା ଅଙ୍ଗଦାତାଙ୍କୁ 'ସୂରଜ ସମ୍ମାନ'

**ଭୁବନେଶ୍ୱର :** ଆଜି ମଧ୍ୟ ମଣିଷ ଭିତରେ ବଞ୍ଚିଛି ମଣିଷ ପଣିଆ। ୬ଜଣଙ୍କ ଜୀବନ ବଞ୍ଚାଇବା ଠାରୁ ଅଧିକ ପୁଣ୍ୟ କାମ କିଛି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ସୂରଜ ସମ୍ମାନ ପ୍ରଦାନ କରି ଉପରୋକ୍ତ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଗଞ୍ଜାମ ଜିଲ୍ଲାର ପ୍ରିୟଙ୍କା ପାତ୍ର, ଖୋର୍ଦ୍ଧା ଜିଲ୍ଲାର ସୁଚିତ୍ରା ଦାସ ଓ ପୁରୀରା ରାଜଲକ୍ଷ୍ମୀ ଦାସ ମୃତ୍ୟୁ ପୂର୍ବରୁ ଅଙ୍ଗଦାନ କରି ଅନେକ ବହୁମୂଲ୍ୟ ଜୀବନ ବଞ୍ଚାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ୩ ମହିଳାଙ୍କ ପରିବାର ବର୍ଗଙ୍କୁ ମରଣୋତ୍ତର ସୂରଜ ସମ୍ମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତି ଅଙ୍ଗଦାତା ପରିବାରକୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଏହି ୩ଜଣ ମହିଳା ଅଙ୍ଗଦାତାଙ୍କୁ ପୁରସ୍କାର ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗଞ୍ଜାମ ଜିଲ୍ଲାର ଯୁବକ ସୂରଜ ସୁରତରେ ଦୁର୍ଘଟଣାର ଶିକାର ହୋଇ କୋମାକୁ ଚାଲିଯିବା ପରେ ତା'ର ବାପା ମା' ଅଙ୍ଗଦାନ ଲାଗି ଘୋଷଣା କରିଥିଲେ। ସୂରତ ତା'ର ହୃତପିଣ୍ଡ, କିଡ୍‌ନୀ, ଯକୃତ ଓ ଚକ୍ଷୁ ଦାନ କରି ୬ଜଣଙ୍କ ଜୀବନ ବଞ୍ଚାଇଥିଲା। ଏହି ଘଟଣା ପରେ ସୂରଜଙ୍କ ବାପା ମା' ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବା ଭବନରେ ଭେଟିଥିଲେ। ସେହିଦିନ ହିଁ ମୁଖ୍ୟମନ୍ତ୍ରୀ ସୂରଜଙ୍କ ସ୍ମୃତି ରକ୍ଷା ଲାଗି 'ସୁରଜ ପୁରସ୍କାର' ଘୋଷଣା କରିଥିଲି ବୋଲି କହିଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭାର ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ର, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ



ମହାରଥୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରିୟଙ୍କା ପାତ୍ରଙ୍କ ସ୍ୱାମୀ ଭି ସମୀର ରାଜୁ, ସୁଚିତ୍ର ଦାସଙ୍କ ସ୍ୱାମୀ ଗୋପାଳ ଚନ୍ଦ୍ର ଦାସ ଓ ରାଜଲକ୍ଷ୍ମୀଙ୍କ ସ୍ୱାମୀ ଅଭିମନ୍ୟୁ ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଏବଂ ୫-ଟି' ସଚିବ ଭିକେ ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପରିବାର ସଦସ୍ୟମାନଙ୍କୁ ଅଙ୍ଗଦାନ ଦିବସରେ ସୁରଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ପ୍ରିୟଙ୍କାଙ୍କ ସ୍ୱାମୀ ଭି. ସମୀର ରାଜୁଙ୍କୁ ପାଞ୍ଚଲକ୍ଷ ଟଙ୍କାର ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀଙ୍କ ତରଫରୁ ବାଚସ୍ପତି ଡଃ. ସୂର୍ଯ୍ୟନାରାୟଣ ପାତ୍ର, ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ସ୍ୱର୍ଗତ ପ୍ରିୟଙ୍କା ପାତ୍ର ଦିଗପହଣ୍ଡି ବାସିନ୍ଦା ଅଟନ୍ତି ଏବଂ ସେ ନିଜର ସମସ୍ତ ଅଙ୍ଗକୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଅନ୍ୟ ରୋଗୀମାନଙ୍କୁ ଦାନ କରିଥିଲେ। ତାଙ୍କ ଅଙ୍ଗ ଅନ୍ୟ ରୋଗୀମାନଙ୍କୁ ଫେବୃଆରୀ ୪ ତାରିଖ ଦିନ ପ୍ରଦାନ କରିବା ପରେ ପ୍ରତିରୋପଣ କରାଯାଇଥିଲା।

## ସାମଗ୍ରିକ ଯୋଜନାରେ ଏକାଦଶ ଓ ଦ୍ୱାଦଶ ସାମିଲ

# ଦଶମ ଭଳି +୨ରେ ମଧ୍ୟ ମିଳିବ ସମାନ ସୁବିଧା

**ଭୁବନେଶ୍ୱର :** ରାଜ୍ୟରେ ସାମଗ୍ରିକ ଯୋଜନାରେ ସାମିଲ ହେବ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ। ଫଳରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଲାଗି ରାଜ୍ୟ ସରକାର ଯେଉଁ ସୁବିଧା ଦେଉଛନ୍ତି ତାହା ମଧ୍ୟ +୨ ପିଲାଙ୍କୁ ଦିଆଯିବ। ଫଳରେ ଶିକ୍ଷା କ୍ଷେତ୍ରରେ ବିକାଶ ଆସିବା ସହ କଲେଜଗୁଡ଼ିକର ଭିତ୍ତିଭୂମିରେ ମଧ୍ୟ ଉନ୍ନତି ଘଟିବ। ତେବେ ଏହି ଯୋଜନାରେ ସାମିଲ ହେବା ପରେ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନେକ ସୁବିଧା ସୁଯୋଗ ଦିଆଯିବ। ଆସନ୍ତା ଶିକ୍ଷାବର୍ଷରୁ ଏହି ୨ ଶ୍ରେଣୀର ପିଲାଙ୍କ ଲାଗି ମାଗଣା ହେଲ୍‌ଥ ଚେକ୍-ଅପ୍ ବା ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ନିଷ୍ପତ୍ତି ହୋଇଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରିବାକୁ ଯାଉଛି। ଜୁଲାଇ ଏବଂ ଡିସେମ୍ବରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତତ୍ତ୍ୱାବଧାନରେ ପ୍ରତ୍ୟେକ ସ୍କୁଲରେ ୨ଜଣ ଡାକ୍ତର ସବୁ ପିଲାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ଏହାସହିତ ରକ୍ତ ପରୀକ୍ଷା ଏବଂ ଆବଶ୍ୟକ ସ୍ଥଳେ ଆଖି ପରୀକ୍ଷା ମଧ୍ୟ କରାଯିବ। ରାଜ୍ୟ ଗଣଶିକ୍ଷା ବିଭାଗ ଏବଂ କିଛି ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କୌଣସି ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ସମସ୍ୟା ଥିଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କର ନାମ, ବୟସ ଓ ଶ୍ରେଣୀ ଭୁବନେଶ୍ୱର ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ। ପରେ ସେହି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯିବ। ଏନେଇ ସବୁ ମେଡିସିନ୍ ମାଗଣାରେ ପିଲାଙ୍କୁ ଦିଆଯିବ। ତେବେ ଏନେଇ ସମସ୍ତ ବ୍ୟୟ ବାର୍ଷିକ ବଜେଟରେ ସ୍ଥିର କରାଯିବ। ୨୦୨୧-୨୨ ଶିକ୍ଷାବର୍ଷ ଲାଗି ସାମଗ୍ରିକ ଯୋଜନା ଲାଗି ଅତିରିକ୍ତ ଭାବେ ୪ଟି କାର୍ଯ୍ୟକ୍ରମ ଲାଗି ବଜେଟ ରଖାଯିବ। ତେବେ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ସ୍ୱାସ୍ଥ୍ୟ ପରୀକ୍ଷା ଶେଷ ହେବା ପରେ ସବୁ ପିଲାଙ୍କର ରିପୋର୍ଟ ଜିଲ୍ଲାୱାରୀ ସିଡିଏମ୍ଓଙ୍କୁ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରଛାତ୍ରୀଙ୍କର କିଛି ଅଧିକ ସମସ୍ୟା ଯଥା ଆଖି, ଛାତି କିମ୍ବା ହିମୋଗ୍ଲୋବିନ୍ ଅଭାବ ତଥା ଏନିମିଆ ଛାତ୍ରଛାତ୍ରୀଙ୍କ ପୁଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହି ପରୀକ୍ଷା ପୂର୍ବରୁ ପିଲାଙ୍କ ଅଭିଭାବକଙ୍କୁ ଅବଗତ କରାଯିବ। ରାଜ୍ୟରେ ମୋଟ୍ ୬୫ହଜାର ୨୭୯ଟି ସ୍କୁଲ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫୯ଲକ୍ଷ ୭୨ହଜାର ୮୭୦। ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ପ୍ରତିବର୍ଷ ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ କାଉନସେଲିଂ କରିବା ଲାଗି ମଧ୍ୟ ଯୋଜନା କରାଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ସ୍କୁଲ ଆସିବାକୁ ଭୟ କରୁଛନ୍ତି କିମ୍ବା ଯେଉଁ ପିଲାଙ୍କର ପାଠପଢ଼ାରେ ସମସ୍ୟା ହେଉଛି ସେମାନଙ୍କ ଲାଗି ସ୍କୁଲରେ ସ୍ୱତନ୍ତ୍ର କାଉନସେଲିଂ ବ୍ୟବସ୍ଥା କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ରାଜ୍ୟରେ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ଲାଗି ଏହି ବ୍ୟବସ୍ଥା ପୂର୍ବରୁ ଆରମ୍ଭ ହୋଇଥିଲେ ହେଁ ଏଣିକି ସମଗ୍ରଶିକ୍ଷା ଯୋଜନାରେ ସାମିଲ ହୋଇଥିବା ସବୁ ପିଲାଙ୍କୁ ମିଳିବ ଏହି ସୁବିଧା। ଜାନୁୟାରୀ ଏବଂ ଅଗଷ୍ଟରେ ପିଲାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଅପରପକ୍ଷେ ଏହି ଯୋଜନା ଚଳିତବର୍ଷରୁ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲେ ହେଁ କରୋନା ଲାଗି ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ରାଜ୍ୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସମ୍ପୂର୍ଣ୍ଣ ତଥ୍ୟ ଡାଟାବେସ୍‌ରେ ଥିବା ବେଳେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଲାଗି ଡାଟାବେସ୍ ପ୍ରସ୍ତୁତ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।


# ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପକୁ ୧୧୩୮ କୋଟି

**ଭୁବନେଶ୍ୱର :** ରାଜ୍ୟ କ୍ୟାବିନେଟ୍‌ରେ ୨୦ଟି ପ୍ରସ୍ତାବକୁ ମିଳିଛି ମଞ୍ଜୁରୀ। ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଶିଳ୍ପ ଆଇନକୁ ସଂଶୋଧନ କରାଯାଇଛି। ଶିଳ୍ପାନୁଷ୍ଠାନ ପାଇଁ ଆଇପିଆର ଇନସେନଟିଭକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହାଦ୍ୱାରା ପ୍ରାୟ ୩୦୦ ଶିଳ୍ପାନୁଷ୍ଠାନ ଏବଂ ପ୍ରାୟ ୫୦ ହଜାର ଶ୍ରମିକ ଉପକୃତ ହେବେ। ସେହଭଳି ଫାକ୍ଟ୍ରି ଆଇନରେ ମଧ୍ୟ ସଂଶୋଧନ କରାଯାଇ ଥ୍ରେସ ହୋଲ୍ଡ ଲିମିଟକୁ ଦୁଇଗଣା କରାଯାଇଛି। ଶିଳ୍ପାନୁଷ୍ଠାନରେ ଓଭର ଟାଇମ ସୀମା ୭୫ ଘଣ୍ଟାରୁ ୧୧୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ମହିଳା କର୍ମଚାରୀମାନେ ମଧ୍ୟ କରିପାରିବେ ନାଇଟ ସିଫ୍ଟ। ଶିଳ୍ପ ଆଇନରେ ନୂଆ ଧାରା ୫-କ ସଂଲଗ୍ନ କରାଯାଇଛି। ଏହାଦ୍ୱାରା ଆବଶ୍ୟକ ସ୍ଥଳେ ସରକାର କୌଣସି ଶିଳ୍ପାନୁଷ୍ଠାନକୁ ହଜାରେ ଦିନ ପାଇଁ ସବୁ ଆଇନରୁ ରିହାତି ଦେଇପାରିବେ। କିନ୍ତୁ ସେହି ହଜାରେ ଦିନ ମଧ୍ୟରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ ଉତ୍ପାଦନକ୍ଷମ ହେବା ଆବଶ୍ୟକ। ଏନେଇ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ମହିଳା କର୍ମଚାରୀଙ୍କ ରାତି ଡ୍ୟୁଟି ପାଇଁ ସର୍ତ୍ତମୂଳକ ଅନୁମତି ମିଳିବ। ସେପଟେ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ଜମିହରାଙ୍କୁ ମିଳିବ ଜମି। ପୁରୀ ମଙ୍ଗଳା ଘାଟରେ ୬.୬୬୧ ଏକର ଜମି ମାଗଣାରେ ଦିଆଯିବ। ସେହିପରି ବିଜେପୁର ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡର ମଞ୍ଜୁରୀ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଜେପୁର ଉଠା ଜଳସେଚନ ପ୍ରକଳ୍ପ ପାଇଁ ୧୧ଶହ ୩୮ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି। ଫଳରେ ୨୫ ହଜାର ୬ଶହ ହେକ୍ଟର ଜମି ଜଳସେଚିତ ହୋଇପାରିବ। ୩୦ ମାସ ଭିତରେ ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦୃଢ଼ୀକରଣ ପାଇଁ ନିର୍ମଳ ଯୋଜନାକୁ ସଂଶୋଧନ କରାଯାଇଛି। ନିର୍ମଳ ଯୋଜନାର ସଫଳତାକୁ ଦେଖି ନିର୍ମଳ ପ୍ଲସ ଓ ନିର୍ମଳ ପ୍ଲସ ପ୍ଲସ ଯୋଜନା ଆରମ୍ଭ ହୋଇଛି। ଏଥିରେ ପାଞ୍ଚ ବର୍ଷରେ ୧୯୮ କୋଟି ୧୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ନିର୍ମଳ ଯୋଜନାରେ ରାଜ୍ୟର ମୋଟ ୧୮୧୨ଟି ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସାମିଲ ହୋଇଥିଲା। ନିର୍ମଳ ପ୍ଲସ ଯୋଜନାରେ ୪ଟି ନୂଆ ମେଡିକାଲ କଲେଜ, ୯ଟି ଆୟୁଷ କଲେ ଏବଂ ୩୨ଟି ନର୍ସିଂ କଲେଜ ଭଳି ମୋଟ ୪୫ଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ସାମିଲ କରାଯାଇଛି। ନିର୍ମଳ ପ୍ଲସ ପ୍ଲସ ଯୋଜନାରେ ତିନିଟି ମେଡିକାଲ କଲେଜ ସହ କ୍ୟାପିଟାଲ ହସ୍ପିଟାଲ ଓ ଅନ୍ୟ ତିନିଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ସାମିଲ କରାଯାଇଛି। ସେହିପରି ଓଡ଼ିଶା ହେଲ୍‌ଥ୍ ଆସ୍ୟୁରାନ୍ସ ସୋସାଇଟିକୁ ମଞ୍ଜୁରି ଦେଇଛି ରାଜ୍ୟ କ୍ୟାବିନେଟ୍। ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠିର ହିତାଧିକାରୀମାନେ ସାମିଲ ହୋଇଛନ୍ତି। ଏହାଦ୍ୱାରା ୭୦ଲକ୍ଷ ପରିବାର ଉପକୃତ ହେବେ। ଏଥିରେ ସମସ୍ତଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା ମିଳିବ। ମହିଳାଙ୍କ କ୍ଷେତ୍ରରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ମିଳିବ। ମହାମାରି ଆଇନରେ ରାଜ୍ୟ ସରକାର ସଂଶୋଧନ କରିଛନ୍ତି। ସାମାଜିକ ଦୂରତା ଉଲ୍ଲଙ୍ଘନ ପାଇଁ କେତେକ କ୍ଷେତ୍ରରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଥିଲା। ଏବେ ଆଇନର



ସଂଶୋଧନ ପରେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫାଇନ ଆଦାୟ ହୋଇପାରିବ। କ୍ୟାବିନେଟ୍ ଏହି ସଂଶୋଧନକୁ ମଞ୍ଜୁରୀ ଦେଇଛନ୍ତି। ସେପଟେ ପାନୀୟ ଜଳ ଯୋଜନାରେ ଗତ ୩ ବର୍ଷରେ ରାଜ୍ୟ ସରକାର ୨୪ ହଜାର ୧୦୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହାଦ୍ୱାରା ପ୍ରତିଷ୍ଠା ହେବ ୬୮୦୦ କ୍ଷୁଦ୍ର ଓ ୬୬ଟି ବୃହତ ପ୍ରକଳ୍ପ। ଉପକୃତ ହେବେ ରାଜ୍ୟର ୪୮ ପ୍ରତିଶତ ଜନସଂଖ୍ୟା। ୪ଟି ନୂଆ ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଏହି ୪ଟି ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୮୨୭ କୋଟି ଟଙ୍କା। କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ଗଜପତି, କଟକ ଓ ବାଲେଶ୍ୱରର ୯୧୧ଟି ଗାଁର ୬ଲକ୍ଷ ୭ ହଜାର ଅତିରିକ୍ତ ଜନସଂଖ୍ୟା ଏହି ପାନୀୟ ଜଳ ପ୍ରକଳ୍ପରୁ ଉପକୃତ ହେବେ। ସହରାଞ୍ଚଳରେ ୨୫% ଜନସଂଖ୍ୟା ବସ୍ତିରେ ରହୁଛନ୍ତି। ଏଥିପାଇଁ ପୌର ପରିଷଦର ବାର୍ଷିକ ବଜେଟରେ ୨୫% ବସ୍ତିର ବିକାଶ ପାଇଁ ସଂରକ୍ଷିତ ରଖିବାକୁ ଆଜିର କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ ପୌର ପରିଷଦ ଓ ମହାନଗର ନିଗମ ଆଇନରେ ସଂଶୋଧନ କରାଯାଇଛି। ସେହିଭଳି ପୂର୍ବରୁ ଟ୍ରେଡ ଲାଇସେନ୍ସ ପାଇଁ ସମୟ ଲାଗୁଥିଲା। ଏଣିକି ଆବେଦନ ଦିନ ହିଁ ବ୍ୟବସାୟ ପାଇଁ ପ୍ରୋଭିଜନାଲ ଲାଇସେନ୍ସ ପ୍ରଦାନ କରାଯିବ। ପୌରାଞ୍ଚଳରେ ଅନେକ ଗୁଡିଏ ପୁରୁଣା ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ତେଣୁ ପୌରାଞ୍ଚଳକୁ ନିଜସ୍ୱ ଆୟ ବୃଦ୍ଧି ପାଇଁ ସ୍ୱାଧୀନତା ଦିଆଯାଇଛି। ପୁରୀ ଐତିହ୍ୟ କ୍ଷେତ୍ର ପାଇଁ ଶ୍ରୀମନ୍ଦିର ମେଘନାଦ ପାଚେରୀ ଚାରିପଟୁ ୭୫ ମିଟର ପରିଧି ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି। ଉଚ୍ଛେଦ ହୋଇଥିବା ଲୋକଙ୍କୁ ମଙ୍ଗଳାଘାଟିରେ ପୁନର୍ବାସ କଲୋନି ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ସରକର ୬.୬୧୬ ଏକର ଜମି ମାଗଣାରେ ପ୍ରଦାନ କରିଛନ୍ତି। ଏହି ଜମି ଉପରେ ଷ୍ଟାମ୍ପ ଡ୍ୟୁଟିକୁ ମଧ୍ୟ ହଟାଇ ଦିଆଯାଇଛି। ସେପଟେ ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାକୁ ରାଜ୍ୟ ସରକାର ଗ୍ରୀଡ୍‌କୋକୁ ଋଣ ଯୋଗାଇ ଆସୁଛନ୍ତି। ଏ ଭିତରେ ଗ୍ରୀଡ୍‌କୋ ସବୁ ଋଣ ଫେରାଇ ସାରିବା ସହ ୩୬୦୮ କୋଟି ଟଙ୍କାର ଗ୍ୟାରେଣ୍ଟି ମଧ୍ୟ ପ୍ରତ୍ୟାର୍ପଣ କରିଛି। ବର୍ତ୍ତମାନ ୨୦୧୯-୨୦ ଆର୍ଥିକ ବର୍ଷରେ ଗ୍ରୀଡ୍‌କୋ ୧୫୦୦ କୋଟି ଟଙ୍କା ଋଣ କରିଥିବା ବେଳେ ଏହି ଋଣ ଉପରେ ସରକାରୀ ଗ୍ୟାରେଣ୍ଟିର ମଞ୍ଜୁରୀ ଦେଇଛି ରାଜ୍ୟ କ୍ୟାବିନେଟ୍।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

ଭୁବନେଶ୍ୱର, ୧୭ - ୨୩ ଅଗଷ୍ଟ, ୨୦୨୦

# ଭଲ ଉଦ୍ଦେଶ୍ୟ ସମାଜ କଲ୍ୟାଣରେ ଲାଗେ

ପ୍ରତି ମୁହୂର୍ତ୍ତରେ ଜୀବଜଗତ ଭିତରୁ ଅନେକ ଘଟଣା ଖବର ହୋଇ ପରିପ୍ରକାଶହେଉଥିଲା ବେଳେ ଅନେକ ଘଟଣା ଉପରେ କାହାର ଦୃଷ୍ଟି ପଡି ପାରେନାହିଁ। କିଛି ଖବର ଜୀବନ ଜୀବିକାକୁ ନେଇ ତ ଆଉକିଛି ସଭ୍ୟତା, ସମାଜ, ବିକାଶକୁ ନେଇ। ରାଜନୀତିକୁ ନେଇ ପ୍ରତିକ୍ଷଣ କିଛିନା କିଛି ଘଟଣା ପ୍ରବାହ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିଥାଏ। ଯେକୌଣସି ଜରିଆରେ ତଥ୍ୟ ଲୋକଲୋଚନକୁ ଆସେ। କିଛି ଘଟଣା ବା ପ୍ରସଙ୍ଗର ଗୁରୁତ୍ୱ ବହନ ହେତୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାଇପାରେ। ଏସବୁ ଆମ ଦୈନନ୍ଦିନ ଚଳଣିର ଏକ ବଡ ଅଂଶ ସଦୃଶ ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରିବା ଓ ଖବରକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥାଏ। ହେଲେ ଦୁନିଆରେ ଏଭଳି କିଛି ଘଟଣା ଲୋକଲୋଚନକୁ ତୀବ୍ର ବେଗରେ ପ୍ରସାରିତ ହେବା ପଛରେ ଯେଉଁ ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ସାଧନା ରହିଛି ତାହାକୁ ପ୍ରଶଂସା ନକରି ରହିହେବନାହିଁ। ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଯେକୌଣସି ଲୋକର ମନକୁ ଆନ୍ଦୋଳିତ କରିପାରେ ତାର ଏକ ଦୃଷ୍ଟାନ୍ତ ହେଉଛି ଗଞ୍ଜାମର ଉପଜିଲ୍ଲାପାଳ ଶ୍ୱେତ କୁମାର ଦାସ କରୋନାର ଘଡିସନ୍ଧି ମୁହୂର୍ତ୍ତରେ ମଣିଷ ଏକ ପ୍ରାମାଣିକ ଚଳଚ୍ଚିତ୍ର ଜରିଆରେ ସମାଜକୁ ଏକ ବଡ ବାର୍ତ୍ତା ଦେବା। ଶ୍ରୀ ଦାସ ସ୍ୱଳ୍ପ ଅବଧିର ଏଭଳି ଏକ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି, ଯାହା ବିଶ୍ୱର ୩୦୦ ଚଳଚ୍ଚିତ୍ର ମଧ୍ୟରେ ଶ୍ରେଷ୍ଠ ପ୍ରମାଣିତ ହୋଇଛି। ଏହା ଆମ ରାଜ୍ୟ ଓ ଦେଶ ପାଇଁ ଗୌରବର କଥା ନିଶ୍ଚୟ। ତେବେ ଅନେକ ସକରାତ୍ମକ ଘଟଣା ସମାଜ ପାଇଁ ଉଦାହରଣ ସୃଷ୍ଟି କରୁଥିଲା ବେଳେ ଅନେକ ଘଟଣା ନକାରାତ୍ମକ ପ୍ରଭାବ ମଧ୍ୟ ସୃଷ୍ଟି କରିଥାଏ। ଯେଉଁ ତଥ୍ୟ ସମାଜର ମଙ୍ଗଳ କାର୍ଯ୍ୟରେ ଲାଗେ ତାହା ସବୁଦିନ ପାଇଁ ମନେରୁହେ। ପ୍ରତି ମୁହୂର୍ତ୍ତରେ ଦେଶ, ବିଶ୍ୱରେ ଅନେକାନକ ଘଟଣାମାନ ଘଟିଚାଲିଛି। କେଉଁଠି ମଙ୍ଗଳାୟନ ତ ଅନ୍ୟ କେଉଁଠି କୋଭିଡ୍ ଭ୍ୟାକ୍ସିନ୍ ପାଇଁ ଅହରହ ଗବେଷଣା। ତାହାରି ଭିତରେ ମଣିଷ ନିଜ ସୁଖ ଦୁଃଖକୁ ନେଇ ବଞ୍ଚିବାର ଅବିରତ ସଂଗାମ ଭିତରେ କେବେ କିଛିକ୍ଷଣ ସୁଖରେ ବଞ୍ଚିଛି ବୋଲି ହିସାବ ଖୋଜୁ ଖୋଜୁ ସରିଯାଇଛି ସମୟ। ସମୟ ହିଁ ସବୁ ପୁରୁଣା ଓ ନୂଆ ମଧ୍ୟରେ ସେତୁଟିଏ ହୋଇ ଘଟଣାକ୍ରମେ ଆଗକୁ ନେଇଚାଲିଛି। ଅତ୍ୟଧିକ ସୁଖରେ ମସଗୁଲ ନହୋଇ ଦୁଃଖରେ ଭାଙ୍ଗି ପଡି ସମସ୍ୟାକୁ ଗମ୍ଭୀର କରିବାଠୁ ସବୁକଥା ଭଲଭାବେ ପରଖି ନିଜକୁ ନିଜେ ଦମ୍ଭ କରିବା ହେଉଛି ଉଚିତ ପଦକ୍ଷେପ। ସମୟର ବାଲୁକାରାଶିରେ ମଣିଷର ପାଦଚିହ୍ନ ଖୁବ୍ କ୍ଷୀଣ। ତାଆରି ଭିତରେ ନିଜ ପାଇଁ ଜାଗାଟିଏ ସୃଷ୍ଟି କରିବା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବ୍ୟତିକ୍ରମ ଏତିକି ଯେ, ମଣିଷ ଆରମ୍ଭରୁ ସବୁ ଠିକ୍ ଠିକ କରିବ ବୋଲି ଭାବିଥାଏ, ହେଲେ ଏଭଳି ସମୟ ଆସେ ବା ପରିସ୍ଥିତି ଉପୁଜେ ସଠିକ୍ ଭାବିଥିବା କାର୍ଯ୍ୟରେ ଅନେକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୁଏ। ଯାହା ଜ୍ଞାତସାରରେ ହେଉ କି ଅଜ୍ଞାନତା ବଶତଃ ହୋଇଥାଉ ସେଥିରେ ମାନସିକ ଦୁଃଶ୍ଚିନ୍ତା ଓ ଅଶାନ୍ତି ବଢ଼ିଥାଏ। ଯାହାକି ପରବର୍ତ୍ତୀ ସମୟରେ ନିଜ ସାମ୍ନାରେ ଏକ ପ୍ରାଚୀର ସଦୃଶ। ତେଣୁ ନିଜ ସାମ୍ନାରେ ପାଚେରୀ ତିଆରି ହେବା ଆଗରୁ ବୁଦ୍ଧିମାନ ବ୍ୟକ୍ତିମାନେ ଘଟଣାର ପୂର୍ବପର ସଙ୍ଗତିକୁ ବିଚାର କରି ଏଭଳି ଏକ ସରଳ ମାର୍ଗର ପରିକଳ୍ପନା କରନ୍ତି, ଯଦ୍ୱାରା ନିଜେ ବିପଦ ମୁହଁରୁ ବର୍ତ୍ତିଯିବା ସହଜ ହୋଇଥାଏ। ତେଣୁ ଯେତେବେଳେ କୌଣସି ଛୋଟ ଘଟଣା ଜଟିଳ ରୂପ ଧାରଣ କରେ, ଏହା ପଛରେ କାହାରି ନା କାହାର ଦୁଷ୍ଟ ବୁଦ୍ଧି ରହିଥାଏ। ଏହି ଦୁଷ୍ଟ ବୁଦ୍ଧି ତିଆରି କରୁଥିବା ବ୍ୟକ୍ତି ସମାଜ ତଥା ମଣିଷର ହିତ ଅପେକ୍ଷା ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ଫଳରେ ବହୁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇପାରେ। ଏଭଳି ଅବସ୍ଥା ଅଧିକ ଦିନ ଧରି ଗତିକଲେ ଫଳାଫଳ ବିଷମୟ ହୋଇଉଠେ। ଯାହାର କୁଫଳ ମଣିଷ ଓ ସମାଜ ଉପରେ ପଡିବା ନିଶ୍ଚିତ।

**ସମ୍ପାଦକୀୟ**

**ତାରକ ମହାନ୍ତି**



ଜୀବନରେ ସର୍ବଦା ଖୁସି ଖବର ବା ଦୁଃଖ ଖବର ନଥାଏ। ସମୟ ଓ ପରିସ୍ଥିତି ଅନୁସାରେ ଏଥିରେ ବାରମ୍ବାର ପରିବର୍ତ୍ତନ ଆସେ। ତେଣୁ ଯେଉଁମାନେ ଭଲ ସମୟ ଦେଇ ଗତି କରୁଛନ୍ତି, ତାଙ୍କ ଜୀବନରେ ଆଉ ଯେ ଦୁଃଖ ଯନ୍ତ୍ରଣା ଆସିବନି ଏହାର ପୂର୍ବ ଆକଳନ ସମ୍ଭବପର ନୁହେଁ। ଜାଗତିକ ଲୀଳା ବଡ ବିଚିତ୍ର, ଏହାକୁ ସହଜରେ ବୁଝିହୁଏନି। ବ୍ରହ୍ମାଣ୍ଡ ଏଭଳି ଯେ, ଏଠାରେ କୀଟ ପତଙ୍ଗ ଠାରୁ ଆରମ୍ଭ କରି ନଦନଦୀ ପାହାଡପର୍ବତ ଜଙ୍ଗଲ ପଶୁପକ୍ଷୀଙ୍କ ଭଳି ମଣିଷ ଏକ ସୃଷ୍ଟି ଏହା ଏଭଳି ଏକ ରହସ୍ୟ ଯେ, ଯେତେ ଖୋଜିଲେ ବି ଏହାର ଶେଷ ହୁଏନାହିଁ। ମୁହୂର୍ତ୍ତ ଲିତା ହିସାବରେ ସାଧମତେ ଯିଏ ଯେତିକି ବୁଝିଛି ବୁଝିବାର ଉପକ୍ରମ କରୁଛି ତ ଠାରୁ ଅଧିକ ପାଇବା ସମ୍ଭବ ନୁହେଁ। ଏହି ଖୋଜିବା ଆଉ ପାଇବାର ପ୍ରକ୍ରିୟା ଅନନ୍ତ ଅସୀମର ଏକ ବୈଚିତ୍ର୍ୟ। ଖଣି ଭିତରୁ ମିଳୁଥିବା ପ୍ରାକୃତିକ ଉପାଦାନ ମଧ୍ୟରୁ ବିଭିନ୍ନ ପଦାର୍ଥ ମିଳୁଥିଲା ବେଳେ ଏହାର ସ୍ୱରୂପ ଓ କାର୍ଯ୍ୟକାରିତା ଗୋଟିଏ ପ୍ରକାର ହୋଇନଥାଏ। ଭିନ୍ନ ଭିନ୍ନ ପଦାର୍ଥ ଭିନ୍ନ ଗୁଣ ଓ ଭିନ୍ନ କାର୍ଯ୍ୟରେ ଲାଗିଥାଏ। ସବୁ ଖଣିଜ ଦ୍ରବ୍ୟର ମୂଲ୍ୟ ସମାନ ନୁହେଁ। ଗୁଣବତ୍ତା ଓ କାର୍ଯ୍ୟକୁ ନେଇ ଏହାର ଆକଳନ କରାଯାଏ। ସେଭଳି ମଣିଷ ଜୀବନରେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସୁଥିଲା ବେଳେ ସବୁ ଲୋକଙ୍କ ଚରିତ୍ର, କର୍ମ, ଧର୍ମ ସମାନ ନୁହେଁ। ସମସ୍ତେ ନିଜର ଜ୍ଞାନ କୌଶଳ ପ୍ରୟୋଗ କରି ବଞ୍ଚିବା ଓ ବଢ଼ିବାର କାର୍ଯ୍ୟ ଜାରି ରଖୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଅସହିଷ୍ଣୁ ଅନ୍ୟର ଭଲ ବା ଉତ୍ଥାନକୁ ସହଜରେ ଗ୍ରହଣ କରନ୍ତି ନାହିଁ। ବରଂ ଅନ୍ୟର କ୍ଷତି ଓ ପ୍ରତି କଥାକୁ ସମାଲୋଚନା କରି ନିଜକୁ ଅଧିକ ଚାଲାକ ବୋଲି ସାବ୍ୟସ୍ତ କରିବାକୁ ପଛଘୁଞ୍ଚା ଦେଇନଥାନ୍ତି। ଫଳସ୍ୱରୂପ ଉପରକୁ ଉଠୁଥିବା ବା ସହଜରେ ବଞ୍ଚି ପାରୁଥିବା ଲୋକଟି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୁଏ। ଏ ବାବଦରେ ଯେତେ ଉପକ୍ରମଣିକା ଦେଲେ ମଧ୍ୟ ଏହା କମ ରହିବ। ଏଭଳି ଲୋକଙ୍କ ସଂଖ୍ୟା ଅସଂଖ୍ୟ। ଯେଉଁମାନଙ୍କ ନିଦ ଭାଙ୍ଗିଲେ ତାଙ୍କ ମୁଣ୍ଡରେ କେବଳ ଅନ୍ୟର ଅନିଷ୍ଟ କରିବା ଚିନ୍ତା ଘାରେ। କର୍ମଜଞ୍ଜାଳ ମଧ୍ୟରେ ଏହି ଚରିତ୍ର ମାନେ ଆମର ସାକ୍ଷାତ ହୋଇଥାନ୍ତି। ଅତଏବ କେବଳ ଭଲ ମଣିଷଙ୍କୁ ନେଇ ବିଶ୍ୱ ଗତି କରୁନି। ଭଲ ମନ୍ଦ ଉଭୟଙ୍କ ଉପସ୍ଥିତି ଓ କର୍ମ ଦ୍ୱାରା କେଉଁଠି ଜଗତର କଲ୍ୟାଣ ସାଧିତ ହେଉଛି ତ ଆଉ କେଉଁଠି ଧ୍ୱଂସଲୀଳା। ଅନ୍ୟର ଉପକାର କରି ନପାରିଲେ ଦୁଃଖ ନାହିଁ। କିନ୍ତୁ ଅନ୍ୟର ଅପକାର କରୁଥିବା ଲୋକମାନେ ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହନ୍ତି। ସବୁଠୁ ଅଧିକ ମାରାତ୍ମକ ବ୍ୟକ୍ତି ହେଉଛନ୍ତି ସନ୍ଦେହୀ ଚରିତ୍ରଯୁକ୍ତ ବ୍ୟକ୍ତି। ଏମାନେ ସାମ୍ନାରେ ଥିବା ମଣିଷର ଭଲ କାର୍ଯ୍ୟକୁ ଏଭଳି ସନ୍ଦେହ କରିଥାନ୍ତି ଯେ, ଅନ୍ୟ ଜଣେ ଶୁଣିଲେ ଭାବିବ କି ଗୋଟେ ବଡ ଧରଣର ଅଘଟଣ ଘଟିଛି ନିଶ୍ଚୟ। ଏହାର ଏକମାତ୍ର କାରଣ ହେଉଛି, ସନ୍ଦେହୀ ଚରିତ୍ର ବ୍ୟକ୍ତିମାନେ ନିଜ କର୍ମ ଓ ନିଷ୍ଠାକୁ ଭରସା କରିପାରନ୍ତି ନାହିଁ। ଯେଉଁଥିପାଇଁ ସେମାନଙ୍କ ମନରେ ଦେଖାଯାଉଥିବା ଦ୍ୱନ୍ଦ୍ୱରୁ ମୁକୁଳି ନପାରି ଅନ୍ୟକୁ ସନ୍ଦେହ କରି ନିଜ ମନକୁ ସାମାନ୍ୟ ଆଶ୍ୱସ୍ତି ଦିଅନ୍ତି ଏମାନେ। ହେଲେ ଏହାଦ୍ୱାରା ସାମାଜିକ ବିପର୍ଯ୍ୟୟ ଓ ଅନେକ ପରିବାରରେ ଅକାଳ ଦୁର୍ଭାଗ୍ୟ ଦେଖାଦେବାର କାରଣ ଭାବେ ଏମାନଙ୍କୁ ଦାୟୀ କରିହୁଏକି !

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କୁମାରୀମାନଙ୍କ ଆଶା ଆକାଂକ୍ଷାର ସ୍ୱରୂପ ମା' ଖୁଦରଙ୍କୁଣୀ



**ପଣ୍ଡିତ ହରେକୃଷ୍ଣ ପତି**

"ବାଳାଂ ସୁବର୍ଣ୍ଣା ପରିଶୋଭିତାବର୍ଣ୍ଣଯୁକ୍ତା
ଦକ୍ଷେ ଖଡ୍ଗ ତ୍ରିଶୂଳପାତ୍ର ଧରାଞ୍ଚ ବାମେ।
ମୁକ୍ତିପ୍ରଦାଂ ତ୍ରିନୟନାଂ ତ୍ରିପୁରଂ ସ୍ମରାମି
ମଙ୍ଗଳା ତ୍ୱଂ ସକଳଦା ଭଜାମି।"

ଏହି ପବିତ୍ର ଓଷା ସମ୍ବନ୍ଧରେ ନାନା କିମ୍ବଦନ୍ତୀ ରହିଥିବା ବେଳେ ବିଶେଷ ଭାବେ ସାତ ସାଧବଙ୍କ ଭଉଣୀ ତଅପୋଇ ସମ୍ବନ୍ଧିତ ଜନଶ୍ରୁତିଟି ବେଶ ଜନାଦୃତ। ଆଷାଢ ମାସରେ ସାଧବମାନେ ବୋଇତମାନଙ୍କରେ ବିଦେଶକୁ ନାନାଦି ସାମଗ୍ରୀ ନେଇ ବଣିଜ କରିବାକୁ ସମୁଦ୍ର ପଥରେ ଯାତ୍ରା କରି ଫେରିବା ବେଳକୁ ପ୍ରଚୁର ଧନରତ୍ନ ନେଇ ଆସୁଥିଲେ। ସେତେବେଳର ସମୁଦ୍ର କୂଳ ବର୍ତ୍ତମାନ ବନ୍ଦରରେ ପରିଣତ ହୋଇଛି। ଏକ ସାଧବ ପରିବାରରେ ସାତ ଭାଇ ଓ ଗୋଟିଏ ଭଉଣୀ ଥିଲେ। ସାତ ଭାଇ ଯାକ ବଣିଜ କରିବାକୁ ଯିବା ସମୟରେ ଅଲିଅଳି ଭଉଣୀର ଅଳି ମୁତାବକ ସମସ୍ତ ସାମଗ୍ରୀ ଆଣିଦେବାକୁ ପ୍ରତିଶୃତି ଦେଇ ଯାଉଥିଲେ। ଭାଇମାନେ ଘର ଛାଡ଼ି ଯିବା ପୂର୍ବରୁ ଭଉଣୀ ତଅପୋଇ ତାଙ୍କର ଇଷ୍ଟ ଦେବୀ ମାଆ ମଙ୍ଗଳାଙ୍କ ନିକଟରେ ତାଙ୍କ ଯାତ୍ରାକୁ ସୁଗମ ଏବଂ ସର୍ବ ମଙ୍ଗଳ କରିବା ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରୁଥିଲେ। ତଅପୋଇ ଅବିବାହିତା ଥିବାରୁ ବିଶେଷକରି କୁମାରୀମାନେ ଏହି ଓଷା କରିବାର ପରମ୍ପରା ରହିଆସିଛି ଓଡ଼ିଶାର ପୁରପଲ୍ଲୀରେ। ରାଜ୍ୟର ଉପକୂଳବର୍ତ୍ତୀ ଅଂଚଳମାନଙ୍କରେ ଏହି ଓଷା ବେଶ ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ବର୍ତ୍ତମାନ ସାରା ଓଡ଼ିଶାର କୁମାରୀମାନେ ଏହାକୁ ଭକ୍ତିପୂତ ପରିବେଶରେ ପାଳନ କରୁଥିବାର ଦେଖିବାକୁ ମିଳୁଛି।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ସ୍ୱୟଂ ଦ୍ୱାରୀକାଧୀଶ ଶ୍ରୀକୃଷ୍ଣ ଏବଂ ତାଙ୍କର ବତିଶ ସହସ୍ର ପରିଚାରିକା ଓ ତିନି କନ୍ୟା ପ୍ରଥମେ ଏହି ଓଷା କରିଥିବାର ଜଣାଯାଇଛି। ସତ୍ୟ ଯୁଗରେ ମା' ମଙ୍ଗଳା ନିଜର ମାତାଙ୍କୁ ଏହି ଓଷା ତାଙ୍କର ହେବ ବୋଲି ବର ମାଗି ନେଇଥିଲେ। ସେହି ଦିନ ଠାରୁ ଖୁଦୁରୁକୁଣୀ ଓଷା ଅନୁଷ୍ଠିତ ହେଉଥିବାର ମଧ୍ୟ ଜଣାଯାଏ। ଶ୍ରୀକୃଷ୍ଣ ଓ ତାଙ୍କ ସଖି ଶ୍ରୀୟା, ଶ୍ରୀମତୀ, ମଧୁ, ରୁକ୍ମଣୀ, ଲୀଳା, ସତ୍ୟଭାମା, ମରୁଆ, ସେବତୀ, ଜାମ୍ବବତୀ, ସରୁଆ, ତୁଳସୀ, ଉତ୍ତମା, ଭଦ୍ରା, ପଦ୍ମା, ପାର୍ବତୀ, ବିମଳା, ମଦନା, ମାଳତୀ, ସୁମେଧା, ରମ୍ଭା ଧ ରାଧାଙ୍କୁ ନେଇ ପ୍ରଥମେ ମଙ୍ଗଳାଙ୍କ ଓଷା କରିଥିଲେ। ଶକ୍ରାବତୀ ମଧ୍ୟ ଦେବକୀଙ୍କ ଠାରୁ ଏହି ଓଷା ବିଧି ବୁଝି ତଦନୁସାରେ ବ୍ରତ କରିଥିଲେ।

ଏକଦା ଉପକୂଳବର୍ତ୍ତୀ ସାଧବ ତନୟବନ୍ତର ସାତ ପୁଅ ଏବଂ ଅଲିଅଳି କନ୍ୟାଙ୍କୁ ନେଇ ଚାଲିଥାଏ ସୁଖର ସଂସାର। ସାଧବ ତୟନବନ୍ତ ଓ ସ୍ତ୍ରୀ ଶକୁନ୍ତଳା ନିଜର କନ୍ୟା ତଅପୋଇଙ୍କୁ ଅତ୍ୟଧିକ ସ୍ନେହ କରୁଥିଲେ। ତାଙ୍କର ସମସ୍ତ ଅଳି ଅଝଟ ଶୁଣିବା ସହ ସମସ୍ତ ମନସ୍କାମନା ପୂରଣ କରୁଥିଲେ ସେମାନେ। ତନୟବନ୍ତ ଜଣେକ ଧନବନ୍ତ ସାଧବ ଥିଲେ ଏବଂ ତାଙ୍କର ସାତ ଗୋଟି ବୋଇତ ଥିଲା। ସାଧବ ତା'ର ସାତପୁଅଙ୍କର ବିବାହ ରୂପବତୀ କନ୍ୟାମାନଙ୍କ ସହ କରିଥିଲା। ତଅପୋଇ ତା'ର ସମବୟସ୍କା କନ୍ୟାମାନଙ୍କ ସହ ମିତ୍ରତା କରି ସେମାନଙ୍କ ସହ ଖେଳାବୁଲା କରୁଥିଲା। ଦିନେ ଏକ ଘରେ ପାଞ୍ଚ ସାତ ଜଣ କନ୍ୟାଙ୍କ ସହ ତଅପୋଇ ଖେଳୁଥିବା ବେଳେ ସେହି ଗ୍ରାମର ଜଣେ ବିଧବା ବ୍ରାହ୍ମଣୀ ସେଠାରେ ପହଞ୍ଚି ତଅପୋଇଙ୍କୁ କହିଲା-ତୁ ଏତେବଡ଼ ସାଧବର କନ୍ୟା ହୋଇ ବାଉଁଶ କୁଲା ଓ ଟୋକେଇରେ ଖେଳୁଛୁ, ମୁଁ ହୋଇଥିଲେ ସୁନାର କୁଲା ଓ ଚାନ୍ଦ ମାଗିଥାନ୍ତି। ସତକୁ ସତ କୁନି ଝିଅ ତଅପୋଇ ମନରେ ସୁନାର କୁଲା ଓ ଚାନ୍ଦ ପାଇବାର ଆଶା ଜାଗି ଉଠିଲା। ସେ ଯାଇ ବାପା ମାଆଙ୍କ ଆଗରେ ତାହା ପାଇବାକୁ ଜିଦ କଲା ଏବଂ ବାପା ତନୟବନ୍ତ ଝିଅର ମନ ରଖିବାକୁ ସୁନାର କୁଲା ଓ ଚାନ୍ଦ ତିଆରି କରାଇଲେ। ତାହା ପରେ ପରେ ତନୟବନ୍ତ ଓ ଶକୁନ୍ତଳାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ସାତ ଭାଇ ଯାକ ତଅପୋଇଙ୍କୁ ବାପା ମାଆଙ୍କ ଠାରୁ ଅଧିକ ସ୍ନେହ କରିବାକୁ ଲାଗିଲେ। ଏହା ଦେଖି ତାଙ୍କର ଛଅ ଭାଉଜ ଈର୍ଷା ପରାୟଣା ହୋଇ ତାଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଥିଲେ ଏବଂ ସାନ ଭାଉଜ ନୀଳେନ୍ଦ୍ରି ତଅପୋଇଙ୍କୁ ନିଜର ସାନ ଭଉଣୀ ପରି ସ୍ନେହ କରୁଥିଲେ। ତଅପୋଇଙ୍କ ଭାଉଜମାନେ ବଣିଜ ଉଦ୍ଦେଶ୍ୟରେ ଜାଭା, ସୁମାତ୍ରା, ବାର୍ଲି, ବୋର୍ଣ୍ଣିଓ ଏବଂ ସିଂହଳ ଆଦି ଦ୍ୱୀପକୁ ଚାଲିଯିବା ପରେ ଛଅ ଭାଉଜ ଯାକ ବିଧବା ବ୍ରାହ୍ମଣୀ ପ୍ରରୋଚନାରେ ପଡ଼ି ତଅପୋଇଙ୍କୁ ନାନାଦି ଯନ୍ତ୍ରଣା ଦେବା ସହ ଖାଇବାକୁ ନଦେଇ ବନସ୍ତକୁ ଛେଳି ଜଗିବା ପାଇଁ ପଠାଇ ଦେଉଥିଲେ। ବଣରେ ତଅପୋଇ ଏଣେ ତେଣେ ବୁଲି ଛେଳି ଜଗିବା ସମୟରେ ସେଠାରେ ଥିବା ମଙ୍ଗଳା ମାଆଙ୍କ ପୀଠରେ ଶୋଇ ପଡୁଥିଲେ। ସାନ ଭାଉଜ ଲୁଚାଇ ଲୁଚାଇ ତାଙ୍କୁ ଖାଇବାକୁ ଦେଉଥିଲେ ଏବଂ ବଡ଼ ଯାଆମାନଙ୍କ ଠାରୁ ଗଞ୍ଜଣା ମଧ୍ୟ ଶୁଣୁଥିଲେ। ଜଣେ ଧନୀକ ସାଧବକଙ୍କର ଏକମାତ୍ର ଅଲିଅଳି କନ୍ୟା ହୋଇ ଏପରି ଦୁର୍ଦ୍ଦଶା ଭୋଗ କରିବେ ବୋଲି ସେ କେବେ ଆଶା କରି ନଥିଲେ। ବଡ଼ ଭାଉଜଙ୍କ ଅତି ଆଦରର ଛେଳି ଘରମଣି ଦିନେ ଛଡ଼ ବର୍ଷାରେ ଜଙ୍ଗଲରେ ଚରୁ ଚରୁ କେଉଁଆଡେ ଚାଲିଯିବାରୁ ସେଦିନ ତଅପୋଇଙ୍କୁ ଭାଉଜମାନେ ମିଶି ମାଡ଼ ମାରିଥିଲେ ଏବଂ ଉକ୍ତ ଛେଳିଟିକୁ ନ ଆଣିଲେ ତାଙ୍କର ନାକ କାଟି ଦେବେ ବୋଲି ଧମକ ଦେଇଥିଲେ। ଘରମଣିକୁ ଦିନ ସାରା ଖୋଜିଖୋଜି ନପାଇବାରୁ ଭାଉଜମାନଙ୍କ ଭୟରେ ରାତ୍ରୀ ଦୁଇଘଡି ପର୍ଯ୍ୟନ୍ତ ଜଙ୍ଗଲରେ ରହିଥିଲେ। ତାହା ପୂର୍ବଦିନରୁ ସେ କିଛି ଖାଇ ନଥିବାରୁ ତାଙ୍କ ମୁଣ୍ଡ ଘୂରାଇ ଦେଉଥାଏ ଏବଂ ଶରୀର ଜ୍ୱରରେ କମ୍ପୁଥାଏ। ସେ ଖୁଦଭଜା ମୁଠାଏ ଖାଇ କ୍ଷୁଧା ମେଣ୍ଟାଇବା ପାଇଁ ମାଆ ମଙ୍ଗଳାଙ୍କ ନିକଟରେ ଅନୁନୟ ବିନୟ କରିଥିଲେ। ସେଥିପାଇଁ ଉକ୍ତ ଓଷାର ନାମ ଖୁଦରଙ୍କୁଣୀ ବୋଲି ଖ୍ୟାତ ହୋଇଛି। ଶେଷରେ ବାଳିକାମାନେ ପୂଜା କରୁଥିବା ଖୁଦୁରୁକୁଣୀ କୋଠିରେ ତଅପୋଇ ପହଂଚି ମନ ମଧ୍ୟରେ ମଙ୍ଗଳାଙ୍କୁ ସ୍ମରଣ କରି ଓଷା କଲା। ଭକ୍ତିଭରେ ଖୁଦ ଓ କୁଣ୍ଡାରେ ପିଠା କରି ତାହା ମଧ୍ୟରେ ଖୁଦ, ଚାଉଳର ପୁର ଦେଇ ଭାଇମାନଙ୍କ ମଙ୍ଗଳ ମନାସିବା ସହ ତାଙ୍କର ଶୀଘ୍ର ପ୍ରତ୍ୟାବର୍ତ୍ତନର ଗୁହାରୀ ଜଣାଇ ପାଞ୍ଚ ପାଳି ପୂଜା କଲା। ବିଦେଶରୁ ଭାଇମାନେ ଫେରନ୍ତେ ଛଅ ଭାଉଜଙ୍କ ଅତ୍ୟାଚାର ସମ୍ବନ୍ଧରେ ଟିକ୍‌ନିକ୍ ଭାବେ କହିଥିଲା। ଛଅ ଭାଉଜଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ଭାଇ ଓ ଭଉଣୀ ମିଶି ଯୋଜନା କରିଥିଲେ ଏବଂ ତଅପୋଇଙ୍କୁ ମାଆ ମଙ୍ଗଳାଙ୍କ ବେଶରେ ବୋଇତରେ ସ୍ଥାପନ କରି ସେଠାକୁ ଭାଉଜମାନଙ୍କୁ ଡକାଇ ପ୍ରଣାମ କରାଇଥିଲେ। ସେହି ସମୟରେ ତଅପୋଇ ଧରିଥିବା ଧାରୁଆ ଖଡ୍ଗରେ ଛଅ ଭାଉଜଙ୍କ ନାକ କାଟି ଦେଇଥିଲେ।

ପ୍ରକୃତରେ ତଅପୋଇ ଜଣେ ଅଭିଶପ୍ତ ଅପସରା ଥିଲେ। ତାଙ୍କର ସ୍ୱାମୀ ଚିତ୍ରସେନ ଗନ୍ଧର୍ବ। ସେ ଷୋଳ ବର୍ଷ ପାଇଁ ମର୍ତ୍ତ୍ୟରେ ଜନ୍ମ ନେଇଥିଲେ। ସାତଭାଇ ଯାକ ବିରଞ୍ଚ ସାଧବର ପୁଅ ରତ୍ନାକରଙ୍କ ସହ ତଅପୋଇଙ୍କ ବିଭାଘର କରାଇଥିଲେ। ଏଣେ ଚିତ୍ରସେନ ଗନ୍ଧର୍ବ ନିଜ ସ୍ତ୍ରୀଙ୍କୁ ପାଇବା ଉଦ୍ଦେଶ୍ୟରେ ଇନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରନ୍ତେ, ଇନ୍ଦ୍ର କହିଲେ-ତଅପୋଇର ଷୋଳ ବର୍ଷ ପୂରିବା କ୍ଷଣି ତୁମେ ପୁଷ୍ପକ ବିମାନରେ ତାଙ୍କୁ ଅଦୃଶ୍ୟରେ ଘେନି ଆସିବ। ପୁଷ୍ପକ ବିମାନ ସ୍ୱର୍ଗରେ ଅଦୃଶ୍ୟ ଅବସ୍ଥାରେ ଥିଲା। ରତ୍ନାକର ଓ ତଅପୋଇ ଆସିବା ବାଟରେ ଚିତ୍ରସେନ ସମସ୍ତଙ୍କୁ ଘଉଡାଇ ତଅପୋଇଙ୍କୁ ନେଇ ସ୍ୱଦେହରେ ସ୍ୱର୍ଗକୁ ଚାଲିଗଲେ।

ଖୁଦୁରୁକୁଣୀ ଓଷା ସମ୍ବନ୍ଧରେ ଶ୍ରୀକୃଷ୍ଣ ରୁକ୍ମଣୀଙ୍କୁ କହୁଥିଲେ। ଓଷାର ବିଧି ଏହିପରି-କୁମାରୀମାନେ ପ୍ରାତଃ ସ୍ନାନ ପୂର୍ବକ ଓଦା ବସ୍ତ୍ରରେ ନଦୀ ବା ପୁଷ୍କରିଣୀ କୂଳରେ ବାଲୁକାର ମୂର୍ତ୍ତି ତିଆରି କରି ପୂଜା କରନ୍ତି। ତରାଟ, ମନ୍ଦାର, ଅଶୋକ, ଜାଇ, ଜୁଇ, ମାଳତୀ, ରଙ୍ଗଣୀ, ଚମ୍ପା, କନିଅର ଓ ବଉଳ ଫୁଲକୁ ବିନା ସୂତାରେ ଗୁନ୍ଥି ଚାଙ୍ଗୁଡାରେ ଭରି ଭୋଗ ସାମଗ୍ରୀ ଖଇ, ଉଖୁଡା, ନଡ଼ିଆ, କଦଳୀ, କାକୁଡ଼ି, ଫଳମୂଳ ଆଦି ସହ ପୂଜା କୋଠି ନିକଟରେ ପହଞ୍ଚନ୍ତି। ଭାଦ୍ରବ ମାସରେ ପାଞ୍ଚ ପାଳି ରବିବାର ମାନଙ୍କରେ ଉକ୍ତ ଓଷା ପାଳିତ ହୁଏ। ଭକ୍ତିପୂତ ପୂଜାର୍ଚ୍ଚନା, ଓଷା ସମ୍ବନ୍ଧୀୟ ସଂଗୀତ ଗାନ, ପୁଚି ଖେଳ ଆଦି ଓଷାା ଅଂଶବିଶେଷ ହୋଇଥିବା ବେଳେ ଶେଷରେ ପ୍ରସାଦ ସେବନ କରା ଯାଇଥାଏ। ଏହି ଓଷାକୁ ଗାଁ ଗହଳିରେ ଭାଲୁକୁଣୀ ଓଷା ବୋଲି ମଧ୍ୟ କୁହାଯାଏ। କାରଣ ଏହା ଭାଦ୍ରବ ମାସ କୃଷ୍ଣ ପ୍ରତିପଦ ତିଥିରେ ପାଳନ କରା ଯାଉଥିବାରୁ ଏପରି ନାମକରଣ କରାଯାଇଛି। ବର୍ତ୍ତମାନ ଏହି ପୂଜାକୁ ଖୁବ୍ ଯାକଜମକରେ ରଂଗବେରଂଗୀ ତୋରଣ, ଆଲୋକସଜ୍ଜା, ଡାକବାଜି ଯନ୍ତ୍ର ଆଦି ଦ୍ୱାରା ଅଧିକ ଆକର୍ଷଣୀୟ କରା ଯାଉଥିବା ବେଳେ କୁମାରୀମାନଙ୍କ ସହ ଗ୍ରାମର ପୁରୁଷ ଓ ମହିଳାମାନେ ଉକ୍ତ ପୂଜାରେ ସାମିଲ ହେଉଥିବାର ଦେଖାଯାଉଛି।

*ପଧାନପଡ଼ା, ବନ୍ତ, ଜି.-ଭଦ୍ରକ*
*ଦୂରଭାଷ: ୭୫୦୪୪୨୪୬୦୧*

# ଯୁବଗୋଷ୍ଠୀଙ୍କ ନିଃସଙ୍ଗ ଅନୁଭବତା ବା ଏମ୍ପଟି ନେଷ୍ଟ୍ ସିଣ୍ଡ୍ରୋମ୍



**ଡାକ୍ତର ସମ୍ରାଟ କର**

ମହାମାରୀ କୋଭିଡ୍-୧୯ର ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବ୍ୟାପୀ ବିଭିନ୍ନ ଦେଶରେ ଜାରି ହୋଇଥିବା ଲକ୍‌ଡାଉନ ପରି କଠୋର କଟକଣା ସବୁ ଧୀରେ ଧୀରେ ଅପସରିଯିବାରେ ଲାଗିଛି। ତେବେ ପରିତାପର ବିଷୟ, ଏପରିକି ସହରାଞ୍ଚଳ ମାନଙ୍କରେ ସ୍ୱାଭାବିକତା ଫେରିବାକୁ ଆରମ୍ଭ କରିଥିବାବେଳେ ଚଉପାଶର ପୃଥିବୀ ଆଉ ପୂର୍ବ ଭଳି ହସିଲା ପୂରିଲା ହୋଇ ରହିବ ନାହିଁ ବୋଲି ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବିଶେଷକରି ହୃତ ଦୈନନ୍ଦିନୀକୁ ପୁଣି ପୁନରୁଦ୍ଧାର କଲା ସମୟରେ ବର୍ତ୍ତମାନ ସାମାଜିକ ଦୂରତ୍ୱ ହିଁ ପ୍ରଥମ ଅନୁସୃତ ଅଭ୍ୟାସ ହୋଇଥିବାରୁ ଆଗଭଳି ଆଉ ସାଙ୍ଗସାଥୀଙ୍କ ସହ ତତ୍କାଳ ସ୍ୱତଃସ୍ଫୂର୍ତ୍ତ ଭାବେ କିଛି ଯୋଜନା କରିବାର ଅବସରକୁ ପ୍ରାୟ ସମସ୍ତେ ହରାଇ ବସିଛନ୍ତି। ଅଫିସ୍ ଫର ନାସନାଲ ଷ୍ଟାଟିଷ୍ଟିକ୍ସ ପକ୍ଷରୁ କରାଯାଇଥିବା ଏକ ସଦ୍ୟ ଗବେଷଣା ଅନୁଯାୟୀ ଏଇ କରୋନା ଭୂତାଣୁ ପାଇଁ ସେ ସବୁ ଦୃଷ୍ଟିରୁ ବୟସ୍କଙ୍କ ତୁଳନାରେ ଯୁବଗୋଷ୍ଠୀ ହିଁ ବେଶୀ ପ୍ରଭାବିତ ହୋଇଛନ୍ତି। ଏପରିକି କରୋନା ଭୂତାଣୁ ଜନିତ ଲକ୍‌ଡାଉନ୍ ବେଳେ ୧୬ରୁ ୨୪ ବର୍ଷ ବୟସ୍କଙ୍କ ଭିତରୁ ୫୦ ପ୍ରତିଶତରୁ ଅଧିକ ହିଁ ନିଃସଙ୍ଗତାବୋଧ ଅନୁଭବ କରିଥିବା ଜଣାଯାଇଛି। ଅପରପକ୍ଷେ ୫୫ରୁ ୬୯ ବର୍ଷ ବୟସ୍କଙ୍କ ମଧ୍ୟରୁ ମାତ୍ର ୨୪.୧ ପ୍ରତିଶତ ହିଁ ଏପରି ଅଭାବନୀୟ ଅନୁଭୂତି ଅଙ୍ଗେ ନିଭାଇଥିବା କୁହାଯାଇଛି। ଏହି ସର୍ବେକ୍ଷଣରେ ମୋଟ ୫୨୬୦ ଜଣଙ୍କୁ ଦୀର୍ଘକାଳୀନ ନିଃସଙ୍ଗତା ସମ୍ପର୍କରେ ପ୍ରଶ୍ନ ପଚରା ଯାଇଥିବା ବେଳେ ୨୪୪୦ ଜଣ କେବଳ ଲକ୍‌ଡାଉନ୍ ବେଳର ବିଗତ ସାତଦିନର ନିଃସଙ୍ଗତା ବିଷୟରେ ଉତ୍ତର ରଖିଥିଲେ। ଏପ୍ରିଲ ୩ରୁ ମେ ୩ ଭିତରେ ସଂଗୃହୀତ ଏହି ତଥ୍ୟରୁ ଆଉ ଏକ ରୋଚକ ନିଷ୍କର୍ଷ ମଧ୍ୟ ସାମ୍ନାକୁ ଆସିଛି। ଯୁବଗୋଷ୍ଠୀଙ୍କ ପରି ଅତିବରିଷ୍ଠ ନାଗରିକମାନେ ମଧ୍ୟ ଅନୁରୂପ ଅନୁଭୂତି ଦର୍ଶାଇଥିବା ଜଣାଯାଇଛି। ୭୦ବର୍ଷରୁ ବୟସ୍କ ଏହି ବୟୋଜ୍ୟେଷ୍ଠମାନଙ୍କ ଭିତରୁ ୫୦ ପ୍ରତିଶତ ହିଁ ଭୀଷଣ ଭାବରେ ନିଃସଙ୍ଗତା ସହ ଲଢୁଥିଲେ ବୋଲି କହିଛନ୍ତି। ତେବେ ସେମାନଙ୍କ କ୍ଷେତ୍ରରେ ନିଜର ଜୀବନସାଥୀଙ୍କୁ ହରାଇବାର ଦୁଃଖ ଏବଂ ନିଜ ପରିବାର ଠାରୁ ଦୂରରେ ରହିବାର ଯନ୍ତ୍ରଣା ହିଁ ସେମାନଙ୍କୁ ବେଶୀ ବିବ୍ରତ କରିଥିବା ଜଣାଯାଇଛି।

ସାଧାରଣତଃ ନିଜ ପିଲାମାନଙ୍କୁ ବାପା ମାଆମାନେ ଜୀବନ ଦେଇ ଭଲ ପାଇଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜ ସୃଷ୍ଟିଟିକୁ କେହି କେବେ କ'ଣ କିଛି ମୁହୂର୍ତ୍ତ ଛାଡ଼ି ରହିପାରିବ ? ଏହା ତ ନିଶ୍ଚିତ କଥା। ଯେଉଁ ଘରେ ପିଲାଟିର କନ୍ଦାକଟା, ଧାଁ ଧଉଡ଼, ନୂଆ ପାଦ ପକାଇବାର ଅନୁଭବ, ଘର ସମସ୍ତଙ୍କ ସହିତ ମିଶି ସୁଖଦୁଃଖ ବାଣ୍ଟିବାର ଯେଉଁ ନୈସର୍ଗିକ ଅନୁଭବ ଦୟାନିଧି ମଉସା କ'ଣ ଏ ଦୁନିଆରେ କେହି ବାପାମାଆ ବି ନିଜ ପିଲାଙ୍କର ଏପରି ସ୍ମରଣୀୟ ଜିନିଷକୁ କେବେ ବି ଭୁଲି ପାରିବେନାହିଁ। ପିଲାମାନେ ବାହାରକୁ ଚାଲିଗଲା ପରେ ପାଖରେ ଥିଲାବେଳେ ଯେତେ ଗାଳି ମନ୍ଦ ସବୁକୁ ପଛରେ ପକାଇ ଦେଇ ଅତ୍ୟଧିକ କଷ୍ଟ ଓ ଯନ୍ତ୍ରଣା ବାପାମା ମାନେ ଅନୁଭବ କରନ୍ତି। ପିଲାମାନଙ୍କର ଅନୁପସ୍ଥିତିକୁ ଉପଲବ୍ଧି କରି କେତେକ ବାପାମା ଏପରି ଦୁଃଖିତ ହୋଇପଡ଼ନ୍ତି ଯେ ସେମାନେ ନିଜ ଚାକିରୀ କ୍ଷେତ୍ରକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରନ୍ତିନାହିଁ। କୌଣସି ମନୋରଞ୍ଜନ, ବନ୍ଧୁପରିଜନଙ୍କ ସହ ଗପସପ ସେମାନଙ୍କୁ ପିଲାମାନଙ୍କ ନିଃସଙ୍ଗତାକୁ ଭୁଲାଇବା ପାଇଁ ସକ୍ଷମ ହୋଇନଥାଏ। ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଅନେକ ରୋଗୀମାନଙ୍କୁ ଚିକିତ୍ସା କଲାବେଳେ ଏହି ଦିଗଟି ମୁଁ ଚିହ୍ନଟ କରି ପ୍ରାଥମିକ ଭାବେ ସେମାନଙ୍କୁ ସେମାନଙ୍କ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ଦୃଢ଼ୀଭୂତ କରିବାପାଇଁ ଆଶ୍ୱାସନା ଓ ପରାମର୍ଶ ଦେଇଥାଏ। ତେବେ ଯେଉଁ କ୍ଷେତ୍ରରେ ପିତାମାତା ମାନେ ମାତ୍ରାଧିକ ଭାବେ ଅବସାଦର ଶିକାର ହୁଅନ୍ତି ସେ ସ୍ଥାନରେ ଚିକିତ୍ସାର ଜରୁରୀ ଆବଶ୍ୟକତା ପଡ଼ିଥାଏ। ପ୍ରାଥମିକ ଅବସ୍ଥାରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। ଚିକିତ୍ସାର ପ୍ରଥମ ମାର୍ଗ ହେଉଛି ସେମାନଙ୍କୁ କାଉନ୍‌ସେଲିଂ କରିବା ପରେ କିଛି ଔଷଧ ଦେବା ସହ କିଛି ଥେରାପି ଦିଆଯାଏ। ନିଃସଙ୍ଗ ଅନୁଭବ କରୁଥିବା ବାପାମାଆଙ୍କ ମାନସିକ ଅଧୈର୍ଯ୍ୟତାକୁ କେହି ସମାଲୋଚନା କରୁନାହିଁ। ମୋ କହିବା କଥା ହେଉଛି ଭଙ୍ଗାଗଢ଼ା ଏ ଦୁନିଆ ଭିତରେ ପିଲାମାନେ ବଡ଼ ହେଲେ ନିଶ୍ଚିତ ଭାବରେ ବାହାରକୁ ଯିବେ ସେମାନଙ୍କର ପାଠପଢ଼ା ହେଉ ବା ଚାକିରୀ କ୍ଷେତ୍ର, ସଂସାର କଳାପରେ ଦୁଇଜଣ କର୍ମଜୀବୀ ହୋଇଥିଲେ ତାହାଲେ ତ ସେମାନେ ଘର ଛାଡ଼ିବା ପାଇଁ ପ୍ରକାରାନ୍ତରେ ବାଧ ହୋଇଥାନ୍ତି। ତେବେ ନିଃସଙ୍ଗ ଅନୁଭବ କରୁଥିବା ବା ଏମ୍ପଟି ନେଷ୍ଟ ସିଣ୍ଡ୍ରୋମର ଶିକାର ହେଉଥିବା ବାପାମାଆମାନେ ପିଲାମାନଙ୍କର ନିଃସଙ୍ଗତାକୁ ଭାବି ଭାବି ସମୟ ଓ ଶକ୍ତିର ଅପଚୟ କରିବା ଅପେକ୍ଷା ସେହି ସମୟକୁ ବିଭିନ୍ନ ମହତ୍, ସୃଜନଶୀଳ, ଚିନ୍ତାଶୀଳ ବା ଜ୍ଞାନ ଗର୍ଭକ କାମରେ ଲଗାଇଲେ ଖୁବ୍ ଭଲ ହେବ। ଓଡ଼ିଆରେ ଏକ କଥା ଅଛି 'ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି'। ତେଣୁ ପିଲାମାନଙ୍କର ଏକାକିତ୍ୱକୁ ଦୁଃଖଦ ଅନୁଭବ କରି ନିଜେ କ୍ଷତବିକ୍ଷତ ହେବା ସହ ନିଜ ଶରୀରକୁ ମଧ୍ୟ ଆପଣ କଷ୍ଟ ଦେଉଛନ୍ତି ଏହା ଭୁଲନ୍ତୁ ନାହିଁ। ପିଲାମାନେ ଦୂରରେ ରହୁଥିଲେ ମଧ୍ୟ ଆଜିର ସମୟରେ ଫେସ୍‌ବୁକ୍, ୱାଟସପ୍, ଭିଡ଼ିଓ କଲିଂ ଓ ମୋବାଇଲ ଚାଟିଂ ପରି କେତେ କ'ଣ ବ୍ୟବସ୍ଥା ଆଗେଇ ଗଲାଣି। କହିବାକୁଗଲେ ପିଲାମାନେ ଆପଣଙ୍କ ହାତ ପାଖରେ ହିଁ ରହିଛନ୍ତି କହିଲେ ଭୁଲ ହେବନାହିଁ। ବରଂ ପିଲାମାନଙ୍କ ସହିତ ଏହିପରି ବାଟରେ ନିୟମିତ ଯୋଗାଯୋଗ ରଖନ୍ତୁ। ଗୋଟିଏ ଭଲ ନିତିଦିନିଆ ଜୀବନର ରୁଟିନ୍‌ଟିଏ ତିଆରି କରନ୍ତୁ। ଯେପରି ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ କରନ୍ତୁ, ନିତ୍ୟକର୍ମ ସାରି ପ୍ରାଣାୟମ ବା ଯୋଗ ବା ପ୍ରାତଃ ଭ୍ରମଣ କରନ୍ତୁ, ଠାକୁର ପୂଜା କରନ୍ତୁ, ଘର ପାଖରେ ସ୍ଥାନ ଥିଲେ ବଗିଚାରେ କିଛି ବୃକ୍ଷଲତା ଲଗାନ୍ତୁ, ବନ୍ଧୁବର୍ଗ ବା ଆତ୍ମୀୟ ସ୍ୱଜନଙ୍କ ସହ ଭଲ ସମ୍ପର୍କ ବଢ଼ାଇ ସମୟ ବିତାଇ ଦିଅନ୍ତୁ। ନିଜର କୌଣସି ସୃଜନଶୀଳତା ଥିଲେ ସେ ପ୍ରତିଭାକୁ ଆଗକୁ ଆଣନ୍ତୁ। ସେଥିପାଇଁ କିଛି ସମୟ ଦିଅନ୍ତୁ। ନିଜକୁ କିପରି ସର୍ବଦା ବ୍ୟସ୍ତ ରଖିବେ ତାହା ପାଇଁ ଏକ ଗାଇଡ୍ ତିଆରି କରନ୍ତୁ। ପିଲାମାନେ ଯେଉଁଠି ରହୁଛନ୍ତି ତାଙ୍କ ପାଖକୁ ନିୟମିତ ଭାବରେ କିଛି ସମୟ ଯାଇ କିଛି ସମୟ କାଟନ୍ତୁ। ଆପଣ ମନେରଖନ୍ତୁ ପିଲାଟିର ଉତ୍ତମ ଭବିଷ୍ୟତ ଓ ଏକ ସ୍ୱର୍ଣ୍ଣିମ ଆଗାମୀ ଜୀବନ ପାଇଁ ପିଲାଟି ବାହାରେ ପାଠପଢ଼ା ବା କାମଧନ୍ଦାରେ ବ୍ୟସ୍ତ ରହୁଛନ୍ତି। ଏ କଥାକୁ ଆପଣମାନେ କେବେ ଭୁଲନ୍ତୁ ନାହିଁ। ଆପଣଙ୍କର ଉଚିତ ଓ ସଠିକ୍ ସଂସ୍କାର ସେମାନଙ୍କୁ ନିଶ୍ଚିନ୍ତ ଭାବରେ ଭଲ ରାସ୍ତାରେ ଗଡ଼ାଇ ନେବ ବୋଲି ବିଶ୍ୱାସ ରଖନ୍ତୁ। ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖି ସେମାନଙ୍କ ପରିବାରର ଜଣେ ସଦସ୍ୟ ବୋଲି ନିଜେ ଅନୁଭବ କରି ନିଜ ପରିବାରର ସଦସ୍ୟ ଭାବେ ସେମାନଙ୍କୁ ବି ଗ୍ରହଣ କରନ୍ତୁ। ଦେଖିବେ ଆପଣଙ୍କ ଭିତରେ ଏହି ନିଃସଙ୍ଗତା କୁଆଡ଼େ ଦୂରେଇ ଯିବ। ହଁ, ଗୋଟିଏ କଥା ମନେରଖନ୍ତୁ ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ମାନସିକ ଅବସାଦ ପାଇ ବା ଉତ୍ତମ ନିଦ୍ରା ପାଇଁ କିମ୍ବା ଟେନ୍‌ସନ ପାଇଁ ମନେ ମନେ କୌଣସି ପେନ୍‌କିଲର ବା ନିଦ୍ରା ବଟିକା ଖାଆନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ପିଲାମାନଙ୍କ ନିଃସଙ୍ଗତାକୁ ଅନୁଭବ ନକରି ବରଂ ଅନୁଭବ କରନ୍ତୁ ସେମାନଙ୍କର ପ୍ରତିଟି ସ୍ମରଣୀୟ ମୁହୂର୍ତ୍ତ ଯେପରି ଆପଣଙ୍କ ସହିତ ରହିଛି। ସତେଯେପରି ଆପଣଙ୍କ ପିଲାମାନେ ଆପଣଙ୍କ ପାଖରେ ଅଛନ୍ତି କେହି କୁଆଡ଼ୁକୁ ବି ଯାଇନାହାଁନ୍ତି। ଭଗବତ ଶକ୍ତି, ଦୈବ ଆଶୀର୍ବାଦ ଓ ପିଲାମାନଙ୍କ ସ୍ନେହ ଓ ଭଲପାଇବାର ଅନାବିଳ ଜିନିଷ ଆପଣଙ୍କ ନିଃସଙ୍ଗତା ଜୀବନ ପାଇଁ ଅମୂଲ୍ୟ ମହୌଷଧି।

*ମାନସିକ ରୋଗ ବିଶେଷଜ୍ଞ,*
*ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



**ତେଜ : -**

ଗୋଟିଏ ଶାରିରୀକ ତେଜ ଆଉ ଗୋଟିଏ ଆଧ୍ୟାତ୍ମିକ ତେଜ ରହିଛି। ଲମ୍ୱା, ଭେଡା ଶରୀର, ମୋଟା କପାଳ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏହା କେବଳ ବାହ୍ୟ ଆକର୍ଷଣ ହୋଇଥାଏ। ଏଭଳି ବ୍ୟକ୍ତି ଯେବେ ମୁହଁ ଖୋଲେ ତେବେ କାହାକୁ ତାର ତେଜ ସ୍ପର୍ଶ କରେନା। ବାହ୍ୟ ତେଜ ଗୁଡି ସମାନ ଅଟେ। ଇଂରାଜୀରେ ଯାହାକୁ ସୋ ଅଫ୍ କୁହନ୍ତି। ଏପରି ବ୍ୟକ୍ତିଙ୍କର ଜୀବନ ତାସପତାର ମହଲ ଭଳି। ଯେଉଁଥିରେ ସତ୍ୟ କିଛି ବି ନଥାଏ। ମାତ୍ର ଆଧ୍ୟାତ୍ମିକ ତେଜ ସମ୍ପନ୍ନ ଲୋକର ଜୀବନ ଅତି ନିର୍ମଳ, ପବିତ୍ର, ସଦାଚାରୀ ହୋଇଥାଏ। ତାଙ୍କୁ କୌଣସି ବାହ୍ୟ ଆଡମ୍ବରର ଆବଶ୍ୟକତା ନଥାଏ।

ଶ୍ରୀ ରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ସର୍ବଦା ଭଜନ, କୀର୍ତ୍ତନ କରିଥାନ୍ତି। ସେହି ମନ୍ଦିରଟିକୁ ରାଣୀ ରାମମଣି ଦେବୀ ୧୫୦୦ ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତିଆରି କରିଥିଲେ। ଥରେ ରାଣୀ ଇଚ୍ଛା କଲେ ଭଜନ ଶୁଣିବା ପାଇଁ। ତେଣୁ ସେ ଦକ୍ଷିଣେଶ୍ୱର ମନ୍ଦିରକୁ ଆଗମନ କରି ଏକ ଉଚ୍ଚ ଆସନରେ ଖୁବ୍ ଦମ୍ଭ ସହକାରେ ବସିଥାନ୍ତି ଭଜନ ଶୁଣିବା ପାଇଁ। କିଛି ସମୟ ଭଜନ ଚାଲିଥିବା ବେଳେ ରାମକୃଷ୍ଣ ଉଠି ଆସି ରାଣୀଙ୍କୁ ଖୁବ୍ ଶକ୍ତ ଜାବୁଡା ମାରି କହିଲେ ତୁମେ ଭଜନ ଶୁଣିବାକୁ ଆସିଛ ନା ନିଜର ଦମ୍ଭ ଦେଖାଇବାକୁ ଆସିଛ ? ଏଠାରେ ବସି ନିଜର ହିସାବ କରୁଛ ? ବାସ୍ତବରେ ଅଗ୍ରେଜ ମାନଙ୍କର ଇଷ୍ଟ ଇଣ୍ଡିଆ କମ୍ପାନି ଜାହାଜ ଯେତେବେଳେ ଜଞ୍ଜିର ପାର କରି ଆସୁଥିଲା ରାଣୀଙ୍କୁ କର ଦେଇ ଭିତରକୁ ପ୍ରବେଶ କରୁଥିଲା। ଭଜନ ଶୁଣିବା ସମୟରେ ରାଣୀ ମନେ ମନେ ସେ ସବୁର ହିସାବ କରୁଥିଲେ। ତେବେ ରାଣୀ ସେଦିନ ରାମକୃଷ୍ଣଙ୍କୁ କ୍ଷମା ମାଗିଥିଲେ। ଈଶ୍ୱରୀୟ ଗୁଣ କୃପା ଅଟେ। ଏହି ଗୁଣର ତେଜ ଆଗରେ ସମସ୍ତେ ନତ ମସ୍ତକ। ଏଭଳି ତେଜ ସମ୍ପନ୍ନ ଲୋକ କେଭେ ଭୟ କରେନା ସତ୍ତା, ସମ୍ପତ୍ତି, ଅଶ୍ୱସତ ସାଂସାରିକ ବସ୍ତୁ ଏସବୁ ଦ୍ୱାରା ଅହଂର କ୍ଷଣିକ ପ୍ରଦର୍ଶନ ହୋଇଥାଏ। ଏହି ଅହଂକାର କ୍ଷଣିକ ଓ ତେଜ ପାଖରେ ହାର ମାନିଥାଏ।

ରଷିକେଶ ଶିବାନନ୍ଦ ଆଶ୍ରମକୁ ଯେତେବେଳେ କୃଷ୍ଣାନନ୍ଦଜୀ ମହାରାଜ କରି ଜଣେ ସନ୍ୟାସୀ ପ୍ରଥମ କରି ଆସିଥିଲେ ଗୁରୁଦେବ ସ୍ୱାମୀ ଶ୍ରୀ ଶିବାନନ୍ଦଜୀ ମହାରାଜ ତାଙ୍କୁ ପଚାରିଲେ ତୁମେ ଗୀତା ପଢ଼ିଛ ? କୃଷ୍ଣାନନ୍ଦଜୀ ମହାରାଜ ଉତ୍ତର ଦେଲେ ହଁ ଆଜ୍ଞା। ଏଗାର ଅଧ୍ୟାୟ 'ବିଶ୍ୱରୂପ ଦର୍ଶନ' ସେ ଗୁରୁ ମହାରାଜଙ୍କ ଆଗରେ ଅନର୍ଗଳ ଗାଇଗଲେ। ସେ ଦିନ ଗୁରୁ ମହାରାଜ ତାଙ୍କୁ ଆଜିଠାରୁ ଶିବାନନ୍ଦ ଆଶ୍ରମ ଛାଡି କୁଆଡେ ଯିବନାହିଁ ବୋଲି କହିଥିଲେ।

(କ୍ରମଶଃ)

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।



କ୍ଷୀରୋଦ ଦାସ

ଭାଗ-୨୧

# ସମ୍ପର୍କର ସୂତା ଖିଅ

**ଦି**ନେ ଦି'ଦିନର କଥା ନୁହେଁ, ସବୁଦିନ। କି ଦିନ କି ରାତି, ଏମିତି ଚାଲିଥାଏ ସବୁବେଳେ। ପରିପୂର୍ଣ୍ଣତା ଓ ସୁଖର ଆଭା ପୋଛି ହୋଇ ଯାଇ ଶୂନ୍ୟତା ଓ ନିଃସଙ୍ଗତାର କରୁଣ ଢେଉଗୁଡାଏ ପିଟି ହେଉଥାଏ ଘରର ଅନ୍ଦିକନ୍ଦିରେ। ଗୋଟେ ଅଦୃଶ୍ୟ, ଅଶ୍ରୁତ କାନ୍ଦଣା ସତେ ଯେପରି ଅହରହ ଆକ୍ରାନ୍ତ କରି ରଖିଥାଏ ଜଳସ୍ଥଳ ଆକାଶକୁ।

ଜଣେ ଘୃଣା ଓ କ୍ରୋଧରେ ଫାଟି ପଡୁଥିବ। ଆଉ ଜଣେ ଲୋକଲୋଚନକୁ ଡରି ସମସ୍ତ ଧୈର୍ଯ୍ୟର ସହିତ ବୁଝାଉଥିବ କେତେ ଯତ୍ନରେ, କେତେ ହେପାଜତରେ, କେତେ ଲୁହ ଲହୁରେ ତିଆରି କରାଯାଇଥିବା ସୂକ୍ଷ୍ମ ସମ୍ପର୍କର ନୀଡଟିକୁ ଛାରଖାର ନ କରିବାକୁ।

ଜଣେ ଝୁରୁଥିବ ଅତୀତକୁ, ଅତୀତର ସୁଖମୟ ପ୍ରାଚୁର୍ଯ୍ୟକୁ। ଝୁରୁଥିବ ତ ପାଉନଥିବ। ପାଉନଥିବ ତ ହତାଶ ହେଉଥିବ। ହତାଶାରୁ ଜନ୍ମ ନେଉଥିବ ବିରକ୍ତି ଓ କ୍ରୋଧ। ଅନ୍ୟ ଜଣଙ୍କର ସବୁ ଆଶା, ସବୁ ସ୍ୱପ୍ନକୁ ବିପର୍ଯ୍ୟସ୍ତ କରୁଥିବ ସେ କ୍ରୋଧ। ଜଣେ କାନ୍ଦୁଥିବ ଅତୀତକୁ ନିଜ ପାଗଳପଣରେ ଦୂରେଇ ଦେଇଥିବାରୁ। ଆଉ ଜଣକ କାନ୍ଦୁଥିବ ବର୍ତ୍ତମାନଟା ହାତଛଡା ହୋଇଯାଉଥିବାରୁ।

ଅଥଚ ଦୁଇଜଣଙ୍କର କାନ୍ଦର ସଂଜ୍ଞା ଏକ। ତାହା କରି ପକାଉଥିବ ଛାତିକୁ। ଉବୁଜା ଉବୁକା କୋହ ଗୁଡାଏ ଠେଲି ଆଣୁଥିବ ବାହାରକୁ।

ଜୀବନ ସମ୍ପର୍କରେ ନିଷ୍ପତ୍ତି ନେବାରେ ଗୋଟେ ମସ୍ତବଡ ଭୁଲ ହୋଇଗଲା ବୋଲି ଭାବୁଥିବେ ଦୁଇଜଣଯାକ।

ମଣିଷର ସୁଖ ଦୁଃଖ, ଅବଶୋଷ, ଅନୁତାପକୁ ଜମା ପରବାୟ ନ କରି ଘଣ୍ଟାର କଣ୍ଟା ଚାଲିଥିବ ଟିକ୍ ଟିକ୍। ଶୁଭୁଥିବ ପକ୍ଷୀର କାକଳି। ଦିନ ଯାଇ ରାତି ହେଉଥିବ। ଅନ୍ଧାର ତାର ପଣତକାନିରେ ଘୋଡାଇ ପକାଉଥିବ ମଣିଷମାନଙ୍କୁ। "ବ୍ୟସ୍ତ ହୁଅନାଇଁ, ତୁମକୁ ଏ ନିରନ୍ଧ୍ର ଅନ୍ଧକାରରୁ ମୁକ୍ତି ଦେବା ପାଇଁ ମୁଁ ସବୁଦିନ ଆସୁଥିବି"ର ଗୋଟେ ବିଶ୍ୱାସନୀୟ ଭରଷା ଓ ଆଶ୍ୱାସନା ଦେଇ ଗୋଟାଏ ପରେ ଗୋଟାଏ ସୁନେଲି ସକାଳ ଓହ୍ଲାଇ ଆସୁଥିବ ପୃଥିବୀ ଉପରକୁ।

ଅଥଚ ସବୁ ଭରଷା ଓ ଆଶ୍ୱାସନାକୁ ନାକଚ କରି ଚିରନ୍ତନ ଝାମେଲା ଗୁଡାଏ ଭିଡିମୋଡି ହେଉଥାଏ ସେ ଘରେ। ସେ ଝାମେଲାର କଳେବର ନିଆଁରେ ଘିଅ ପଡିଲା ପ୍ରାୟ ହୁତୁହୁତୁ ବଢୁଥାଏ ସିନା, କମେ ନାହିଁ କେବେ।

ସେଦିନ ସୁରେନ୍ଦ୍ର ପାଇଲା ଖଣ୍ଡେ ପୋଷ୍ଟକାର୍ଡ ଚିଠି, ବାପାଙ୍କଠାରୁ। ମାମିନା ଅପାଙ୍କ ହାତରେ ବାପା ଲେଖାଇଥିଲେ- "ବାବୁରେ, ଅନେକ ଦିନ ହେଲାରି ତୁ ଗଲୁଣି, ଚିଠି ଖଣ୍ଡିଏ ବି ଦେଲୁନାଇଁ ଆଜିଯାଏ। ତୋ ବୋଉ ତ ଅହର୍ନିଶ କାନ୍ଦୁଛି। କାନ୍ଦି କାନ୍ଦି ତା ଆଖି ଫୁଟିଗଲାଣି। ଟିକେ ଅନ୍ଧାର ହେଲେ ତାକୁ ଦିଶୁନାଇଁ କିଛି। ବାର ଜାଗା ଝୁଣ୍ଟୁଛି। କେବଳ ତୋରି ଚିନ୍ତାରେ ସେ କତରାଲଗା ହେଲାଣି।

ଚିଠିର ପରବର୍ତ୍ତୀ ପର୍ଯ୍ୟାୟରେ ବାପା ପାଲଟି ଯାଇଥିଲେ ଜଣେ ଦାର୍ଶନିକ। - "ଶହେ କିଲୋମିଟର ଦୂରରେ ଥିବା କ'ଣ ହେଲା, ତୋ ମୁହଁ ମତେ ଜଳଜଳ ହୋଇ ଦେଖାଯାଉଛିରେ ବାବୁ! ସଂସାର ବିଷୟରେ ତୁ କିବା ଜାଣୁ? ତାହା ଗୋଟିଏ ଭାର ପରି। ତାକୁ କାନ୍ଧରେ ବୋହିବାକୁ ହେଲେ ଦୁଇପାଖ ସମାନ ଓଜନ ରଖିବାକୁ ହେବ। ନଚେତ୍ ଗୋଟିଏ ପାଖ ଅଣେଇବ ଯେ ଚାଲିବା ମୁସ୍କିଲ। ହଉ, ଭଲରେ ଥା'। ଏ ଚିଠି ପାଇ ଟିକେ ଘରଆଡେ ବୁଲିଦେଇ ଯା'।"

ଏହାର ପନ୍ଦରଦିନ ପରେ ମେଡିସିନ୍ ଷ୍ଟୋରରେ ଥିଲା ବେଳେ ସୁରେନ୍ଦ୍ର ପାଇଲା ଏକ ଟେଲିଗ୍ରାମ୍ - "ଫାଦର ସିରିୟସ୍ - କମ୍ ସୁନ୍"।

ଏତେ ଦିନଯାଏ ସେ ଲୁଚାଇ ଲୁଚାଇ କାନ୍ଦୁଥିଲା। ଏବେ କାନ୍ଦିଲା ପ୍ରକାଶ୍ୟରେ। ତା' ଦୁନିଆରୁ ମୂଲ୍ୟବାନ ଜିନିଷଟିଏ ସତେଯେପରି ଚିରଦିନ ଲାଗି ଅପହୃତ ହୋଇଯାଉଛି, ସେଇ ଦୁଃଖରେ ମୁହ୍ୟମାନ ହୋଇ ଟେଲିଗ୍ରାମଟିକୁ ହାତରେ ଧରି ଦ୍ୱି'ପ୍ରହରରେ ସେ ଫେରିଲା ବସା ଘରକୁ।

ଟେଲିଗ୍ରାମଟିକୁ ଦେଖି ଟିକିଏ ବି ଭାବାନ୍ତର ହେଲା ନାଇଁ ମମତା ମନରେ। ଲୁହଧୁଆଁ ମୁହଁନେଇ ସୁରେନ୍ଦ୍ର ଘଡିଏ ବସି ରହିଲା ବାରନ୍ଦାରେ। ଅନେକ ସମୟପରେ ସେ ଦେଖିଲା ମମତା ସେହିପରି ବସି ରହିଛି ଖଟ ଉପରେ ଚୁପଚାପ୍।

ନିଆଁ ଲାଗିଗଲା ସୁରେନ୍ଦ୍ର ଦେହରେ।। ଆପାତତଃ ସେ ଚିତ୍କାର କରି ପକାଇଲା - "ବସିଛ କ'ଣ ସେଠି? ଗାଁ'କୁ ଯିବନି?

ମମତା ଶୁଣିଲା, କୌଣସି ଜବାବ୍ ଦେଲାନାହିଁ।

ଅଯଥା ବାକ୍ୟ ବିନିମୟ କରବାର ସମୟ କିମ୍ବା ଧୈର୍ଯ୍ୟ ନ ଥିଲା ସୁରେନ୍ଦ୍ର ପାଖରେ। ଆଟାଚ୍‌ରେ ବ୍ୟବହାର୍ଯ୍ୟ ଜିନିଷ କେଇଟା ଭର୍ତ୍ତିକରି ଚୁପଚାପ୍ ସେ ବାହାରିଲା ବସ୍‌ଷ୍ଟାଣ୍ଡ।

ବସ୍ ଚାଲିଥିଲା ଘଣ୍ଟାକୁ ସତୁରୀ କିଲୋମିଟର ବେଗରେ। ଝରକା ପାଖ ସିଟ୍‌ରେ ବସି ସୁରେନ୍ଦ୍ର ନିଜକୁ ହଜାଇ ଦେଇଥିଲା ଚିନ୍ତାରେ। ମନ ଭିତରେ ଉଙ୍କି ମାରୁଥିଲା ସାଂଘାତିକ ଏକ ଆଶଙ୍କା।

ଏ ଟେଲିଗ୍ରାମ୍ ନାମକ ଜିନିଷଟିକୁ ତା'ର ପ୍ରାଣେ ଭୟ। ତାର ବିଶ୍ୱାସ, ଯାବତୀୟ ଦୁଃଖର ସମ୍ବାଦକୁ ବହନ କରି ଆସେ ଏ ଟେଲିଗ୍ରାମ ଓ ସୁଖୀ ମଣିଷର ସାବଲୀଳ ଜୀବନକୁ ଛାରଖାର କରିପକାଏ।

ତାଙ୍କ ଦୋକାନରେ କାମ କରୁଥିବା ଅଜିତ୍ ପାଖକୁ ଏମିତି ଗୋଟିଏ ଆସିଥିଲା ଛ'ମାସ ପୂର୍ବେ। "ମଦର ସିରିୟସ" ବୋଲି ଲେଖାଯାଇଥିବା କାଗଜଟିକୁ ଧରି ଅଜିତ୍ ପଡିଉଠି ଧାଇଁଥିଲା ଦେଢ଼ଶହ କିଲୋମିଟର ଦୂର ତା' ଗାଁକୁ। ହେଲେ ସେ ପହଞ୍ଚିବା ବେଳକୁ ତା' ମା ଆଉ ନଥିଲା। ମୁଠାଏ ପାଉଁଶରେ ପରିଣତ ହୋଇସାରିଥିଲା। ପନ୍ଦରଦିନ ପରେ ସେ ଯେତେବେଳେ ଫେରିଲା, ତା' ଉଦାସ ମୁହଁ ଓ ଲଣ୍ଡାମୁଣ୍ଡ ଦେଖି ସମସ୍ତେ ବୁଝିଯାଇଥିଲେ। ମା' କିପରି ଅଛି ବୋଲି ପଚାରିବାର ଆବଶ୍ୟକତା ଆଉ ନଥିଲା।

ବାପା କ'ଣ...!!

ଚମକି ପଡିଲା ସୁରେନ୍ଦ୍ର। ଛାତି ଭିତରେ ପ୍ରଚଣ୍ଡ ଘଡଘଡିଟାଏ ମାରିଲା କି? ମନ ଭିତରକୁ ଜୋର ଜବରଦସ୍ତ ଧସେଇ ପଶି ଆସୁଥିବା ଭୟଙ୍କର ଅଶୁଭ ଚିନ୍ତା ଗୁଡିକୁ କାଢ଼ି ଫୋପାଡି ଦେବାକୁ ଚେଷ୍ଟା କରୁ କରୁ ତା' ଛାତି ଭିତରଟା ମନ୍ଥି ହୋଇଯାଉଥିଲା ନାହିଁ ନଥିବା ଦୁଃଖରେ, ଆଶଙ୍କାରେ। କମ୍ପିତ, ବିବ୍ରତ ଦେହ ଓ ମନ ଧରି ସେ ଅତିଷ୍ଠ ହୋଇ ପଡୁଥିଲା ବେଳକୁ ବେଳ।

ସେ ଦ୍ରୁତଗାମୀ ବସ୍‌ରେ ବସିଛି ନା ଶଗଡ ଗାଡିରେ? କାଠୁଆ ଜାଡ ଦିନଟାରେ ତା' ଦେହ ଅଠାଅଠା ହୋଇ ଏମିତି ଝାଳେଇ ଯାଉଛି କାହିଁକି? କୌଣସି ଏକ ଅଲୌକିକ କୁହୁକ ବଳରେ ବସ୍‌ଟା ଶୂନ୍ୟେ ଶୂନ୍ୟେ ପବନରେ ଉଡ଼ିଯାଇ ଆଖି ପିଛୁଳାକେ ପହଞ୍ଚିଯାଆନ୍ତା ନାଇଁ ତା' ଘରେ!!

ମନ ଭିତରେ ବେଜାଏ ଆଶଙ୍କାକୁ ଧରି ରଖି ଗୋଟିଏ ସ୍ଥାନରେ ଚୁପ୍ ଚାପ୍ ବସିରହିବା ଆଉ ସମ୍ଭବ ହେଉନାହିଁ ଜମା। ବାପାଙ୍କ ଅବସ୍ଥା ଏବେ କେମିତି ଥିବ କେଜାଣି? ଏଭଳି ସମୟରେ ବୋଉ ଓ ମାମିନା ଅପା କ'ଣ କରୁଥିବେ?

ବାପା। ସାବେନା ରଙ୍ଗର ମଧମ ଉଚ୍ଚତା ବିଶିଷ୍ଟ ସୁଆ ମଣିଷଟେ, ଅଭିଯୋଗହୀନ ନିର୍ଲିପ୍ତ ମୁହଁ, ସବୁବେଳେ ରାଇଜଯାକର ଚିନ୍ତାକୁ ପାକୁଳି କରୁଥିବା, ପରଘରେ ମୂଲ ଖଟୁଥିବା ଏବଂ ସଞ୍ଜବେଳେ ଗାଁ ମହାଦେବ ମନ୍ଦିରରେ ଖଞ୍ଜଣୀ ପିଟୁଥିବା ମଣିଷ ଜଣକ ହେଉଛନ୍ତି ତା' ବାପା।

ସୁରେନ୍ଦ୍ରର ମନେ ଅଛି, ରୋଜ ରାତିରେ ବାପା ବିଛଣାରେ ବାଡେଇଛାଟି ହୁଅନ୍ତି। ବୋପାଲୋ ମାଆଲୋ ରଡି ଛାଡି ଗଡନ୍ତି ବିଛଣାସାରା। ବୋଉ ବିକଳ ହୁଏ। କାନ୍ଦେ। ସକାଳକୁ ବାପା ପେଟକଷ୍ଟ ଭୁଲିଯାଇ ପୁରି ବାହାରି ଯାଆନ୍ତି ବିଲକୁ। ମାଟି ସହିତ ମାଟି ହୋଇଯା'ନ୍ତି।

(କ୍ରମଶଃ)

# ଅଦେୟ

ସ୍ୱାତୀ ମହାପାତ୍ର





**ତୁ**ମ ହାତ ମୁଠାରେ
ମୋ ହାତ ପାପୁଲି ବନ୍ଦୀ ରଖି
ମୁଁ ମାପୁଥିଲି କେତେ ପ୍ରତ୍ୟୟ...
ବରକୋଳି ମୂଳେ କୋଳି ସାଉଁଟୁ, ସାଉଁଟୁ
ଟପକିନା କଣ୍ଟା ଗଳିଲା,
ଲେଉଟି ଅନାଏ,
ତୁମ ହାତରେ ମୋ ପାଦଟି,
କଣ୍ଟା କାଢୁଛ,
ଆଖିରେ ଦେଇ
ଆଶ୍ୱାସନାର ବରାଭୟ...
ବେହାଲ ବର୍ଷାରେ
ଛତା ଲେଉଟିଲା
ଦେଖେ ବର୍ଷାରେ ଗୋଟା ଭିଜି
ମୋ ମୁଣ୍ଡ ଉପରେ
ଖଞ୍ଜିଛ ତୁମ ଛତାର ଆଶ୍ରୟ...
ଅଗିରା ପୁନେଇଁରେ
ଫୁଲେଇ ଚାନ୍ଦକୁ ଜଳେଇ
ନିଆଁ ଗଦାକୁ
ବାଇଗଣ, ନଡିଆ ଫୋପଡା
ଠୋ, ଠାରେ



ତୁମ କାନ୍ଧ ମୋର ଅଭୟ..
ଭରା ପ୍ରତ୍ୟୟ,
ତୁମ ବରାଭୟ,
ଟିକେ ଆଶ୍ରୟ,
ନିର୍ଭର ଅଭୟକୁ
ପୁଞ୍ଜିକରି କହିଲି,
ବାକି ଆୟୁଷ ସାରିଦେବି,
ହାତଟିକେ ମୋତେ ବଢ଼ାଅ...
ଲେଉଟି କହିଲ,
ସଦିଚ୍ଛା, ସୌହାର୍ଦ୍ଦ୍ୟ
ଅନ୍ତର, ଆବେଗ
ସବୁ ମୋ ହାତରେ,
ଲମ୍ବା ଉଜାଣି ରାସ୍ତା ଚାଲିବାଟା
ଅଦୃଶ୍ୟର ଏକା ନିର୍ଣ୍ଣୟ,
ମୋ ପାଇଁ ସେଇଟି ଅଦେୟ...

ଭୁବନେଶ୍ୱର

# ଅମଡା ବାଟ

ଦିଲ୍ଲୀପ୍ କୁମାର ନନ୍ଦୀ



**ମା**ଳିକା ବଚନ ସତକି ହେବ
ପର୍ବତ ଶିଖରେ କଇଁ ଫୁଟିବ
କଳିଯୁଗ ସତେ ଶେଷ ହୋଇବ
ଏ ଧରାଧାମ କି ଧ୍ୱଂସ ପାଇବ।
ଗଦା ହେବ ଶବ କୁଢ଼ କୁ କୁଢ଼
ଲାଗିଥିବ ଶ୍ୱାନ ଶୃଗାଳ ଭିଡ଼
ଖାଉଥିବେ ଅନ୍ତନାଡ଼ାକୁ ଭିଡି
କାନ୍ଦୁଥିବେ ବନ୍ଧୁ ମୁଣ୍ଡ କଚାଡି।
ପିତା ମାତା ହାରି କେ-ହେବ ଅନାଥ
ଯୁବା ସନ୍ତାନକୁ ହରାଇ ମାତ'
ମୁଣ୍ଡେ ହାତ ଦେଇ କରେ ରୋଦନ
ହରାଇଛି କିଏ ଯୁବାସନ୍ତାନ।
ଅଚିହ୍ନା ରୋଗକୁ ଦେଖି ବଇଦ
ଚିହ୍ନିନପାରି ତାଟକା ହୋଇବ
ଏବେ ପଡିଗଲା ଲକ୍ଷ୍ମଣରେଖା
ପ୍ରକୃତି ଉପରେ ମମତା ଦେଖା।
ପ୍ରକୃତି ଉପରେ ଖେଳନି ଧନ
ସମୁଳେ ତୁ ହୋଇଯିବୁ ନାଶନ





ବୃକ୍ଷ ତରୁଲତା ଯେତେ ରୋପିବ
ରୋଗ ପ୍ରତିଶୋଧ ସେତେ ବଢ଼ିବ।
ହସିବେ ପତଙ୍ଗ ହସିବେ ପକ୍ଷୀ
ପଶୁ ଖୁସି ହେବେ ପ୍ରକୃତି ଦେଖି
ବହିବ ଶୀତଳ ବାଆ ପବନ
ଆନନ୍ଦେ ନାଚିବେ ଜଙ୍ଗଲ ବନ।
ଜଳସ୍ଥଳ ସବୁ ସମଭାବରେ
ରହିବେ ଯେ ଯେଝା ନିଜବାଟରେ
କେହି ନଯିବେ ଅମଡା ବାଟକୁ
ଦେଖି ଖୁସି ସ୍ରଷ୍ଟା ତାଙ୍କ ସୃଷ୍ଟିକୁ।

ଭବାନୀପାଟଣା, କଳାହାଣ୍ଡି

# ଆକାଶର ଛାଇ

ବିନୟ ଭୂଷଣ ପାଣିଗ୍ରାହୀ





ଭଦ୍ରକରୁ ପୀରହାଟ ବଜାର ମଝି ଦେଇ ଚାନ୍ଦବାଲି ଆଡକୁ ଲମ୍ବି ଯାଇଥିବା ରାଜ୍ୟ ରାଜପଥରେ ବଜାର ପାଖରୁ ପାଖାପାଖି ଦୁଇଶଗଜ ଦୂରରେ ଯେଉଁ ପୁରୁଣା ବରଗଛଟି ତିନି ପୁରୁଷ ଧରି ବଢ଼ିବା ପରେ ଏଣିକି ଆଉ ନବଢ଼ି ଦିନକୁ ଦିନ ଛିଡିବାରେ ଲାଗିଛି। ତା'କୁ ସେ ଅଞ୍ଚଳର ଲୋକେ ମାଗୁଣି ବଟ ବୋଲି ଜାଣନ୍ତି। ଏଇଥିପାଇଁ ନୁହେଁ ଯେ ମାଗୁଣି ସେ ଗଛକୁ ଲଗାଇଥିଲା କି ତା ମୂଳରେ ପାଣିଦେଇ ବଢ଼େଇ ଥିଲା। ତେବେ, ତା କିଶୋରାବସ୍ଥାରୁ ପ୍ରତିବର୍ଷ ଚୈତ୍ରମାସ ଶେଷ ସପ୍ତାହରୁ ବୈଶାଖ ସରିବାଯାକେ ସେଇ ବରଗଛ ମୂଳେ ବାଉଁଶ ଓ ନଡିଆ ବାହୁଙ୍ଗାର ଚାଳିଆ ଖଣ୍ଡେ କରି ବାଟୋଇକୁ ପଣା ପିଆଏ ମାଗୁଣି। ଗାଁ-ଗାଁ ବୁଲି ବେଲ ଯୋଗାଡ କରିଆଣି, ଘୋଳ ଦହି ଓ ଗୁଡ ମିଶେଇ ପତଳା ପତଳା ପଣା ତିଆରି କରି ବଡବଡ ଦୁଇଟି ମାଟି ହଣ୍ଡାରେ ରଖେ। ଚାରି-ପାଞ୍ଚ ରସ ଗିଲାସ ଗୋଟାଏ ମଗ ଆଉ ଗୋଟେ ଲୁହା ବାଲଟିରେ ଗିଲାସ ଧୋଇବା ପାଇଁ ପାଣି ରଖି ସାରିଲା ପରେ ମୁଣ୍ଡରେ ଗାମୁଛା ବାନ୍ଧିଦେଇ ରାସ୍ତାକୁ ଅନେଇବସେ।

ସବୁଠାରୁ ବଡକଥା ହେଲା, ମାଗୁଣି ପଣାର କି କିମିଆ ଥାଏ କେଜାଣି ଦୁଇହାଣ୍ଡି ବେଲପଣା ସରିଗଲା ପରେ ଖାଲି ପାଣିରେ ବଣାଗୁଡ ଟିକେ ମିଶେଇ ସେ ଯେତେଥର ପୁରା କଲେ ମଧ୍ୟ ବେଳ ବୁଡିଲା ବେଳକୁ ହାଣ୍ଡି ଶୁଖି ଠକ ଠକ ହେଇଯାଏ। ବାଟୋଇ ଯେତେ ନ ପିଅନ୍ତି ତା'ଠାରୁ ଢେର ଅଧିକ ପିଅନ୍ତି ଆଖପାଖ ସାହିର ପିଲାମାନେ। ମାଗୁଣି ପଣା ପିଇବା ପାଇଁ ଉଦୁଉଦିଆ ଖରାବେଳେ ପିଲାମାନେ ବାପା ମା' ମାନଙ୍କୁ ଲୁଚି ଧାଇଁ ଆସନ୍ତି ମାଗୁଣି ବଟ ପାଖକୁ। ମିଛରେ ହାଙ୍କେ ମାଗୁଣି, "ହଁଅ, ଶୋଷରେ ତ ତମ ତଣ୍ଟି ଶୁଖି ଖଡକଡ ହେଇଯାଇଥିବ ଆଉ। ଘଷର ପାଣି ନାହିଁକିରେ ପିଲେ? ଓ-ଓହ, ଟିବଲ ପାଣିରେ ଶୋଷ ମେଣ୍ଟୁନାହିଁ ତାହେଲେ। ମୁଁ ପଣା କରିଛି ବାଟୋଇଙ୍କ ପାଇଁ, ପିଇକି ସାରିବ ତମେ ସବୁ। ହଉ ହେଲା ହେଲା, ଅଧ ଗିଲାସେ ଲେଖାଏଁ ଦେଉଛି, ପିଅ। ଯିଏ ନ ପିଇପାର ପକେଇବ ତାକୁ କାଲିଠାରୁ ଆଉ ପଣା ମିଳିବ ନାହିଁ।" ଉପରକୁ ସିନା ଏମିତି କହେ ହେଲେ, ଗିଲାସ ଗୁଡିକ ଅଧା ଭରି ପିଲାଙ୍କ ହାତକୁ ବଢ଼େଇ ଦେଲାପରେ ସେମାନେ ଖୁସି ହୋଇ ପଣା ପିଇଲା ବେଳେ ମାଗୁଣି ସେମାନଙ୍କୁ ଦେଖି ପରମ ତୃପ୍ତି ଲାଭ କରେ। ମନେମନେ ଭାବେ, "ଭଗବାନ ଆଉ କିଏ କି?" ମାଗୁଣି ବଟ ପାଖଦେଇ ଯାଉଥିବା ଏମିତି ଲୋକଟିଏ ନଥିବ ଯା' ମୁହଁରେ ମାଗୁଣି ପଣା କେବେ ବାଜି ନଥିବ। କଦବା କ୍ୱଚିତ ଯଦି କେବେ କେହିଜଣେ ଅଜଣା ପଥିକ ମୁହଁରେ ପଣା ଟିକେ ନଦେଇ ଦି'ପାଦ ଆଗକୁ ଚାଲିଯାଏ, ମାଗୁଣି ଡାକଟେ ପକାଏ, "ଆରେ ଏ ବାବୁରେ, ଇଏ ଯୋଉ ଖରା ହେଉଛି ଦେହରୁ ରକତ ଶୋଷି ନେବରେ। ତୁଣ୍ଡରେ ପଣା ଟିକେ ଦଇ, ଛାଇରେ ଠିଆହେଇ ଦି'ଟା ନିଶ୍ୱାସ ନେଇ ଯାଆ।" ତା'ର ସେ ଡାକରେ ଏମିତି ସ୍ନେହବଳା ଏକ ନିବିଡ ଆତ୍ମୀୟତା ଭାବ ଭରି ରହିଥାଏ ଯେ କାନରେ ପଡିଲା ପରେ ପଥିକର ପାଦ ସେଇଠୁ ଫେରିଆସେ ମାଗୁଣିର ପଣାହାଣ୍ଡି ପାଖକୁ।

ମାଗୁଣିର ହୃଦୟ ଭିତରଟା ବଣ ଝରଣାର କାଚକେନ୍ଦୁ ଜଳ ସଦୃଶ ବିଲକୁଲ ସଫା। ପିଲାଟି ଦିନରୁ ସିଏ ସେମିତି। କୂଟକପଟ କଣ, କିଛି ବି ଜାଣେନା। କାହାରି ସାଙ୍ଗରେ ଉଚ୍ଚବାଚ କିମ୍ବା ରାଗ-ଅଭିମାନ କରେନାହିଁ। ତା ମତରେ 'ନିଜେ ଭଲ ତ ଦୁନିଆ ଭଲ।' ଘରେ ନଥିଲେ ଉପାସ ରହିଯିବ ପଛେ କାହା ପାଖରେ ଧାର ଉଧାର ପାଇଁ ହାତ ପତେଇବ ନାହିଁ। ଆଖପାଖ ପାଞ୍ଚଖଣ୍ଡ ମଉଜାରେ ସମସ୍ତେ ତା'ର ଅତି ଆପଣାର। ସରକାର ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯେତେବେଳେ କାଗଜରେ ଟିପଚିହ୍ନ ନେବାକୁ କହିଲେ ମାଗୁଣି ରୋକଠୋକ ମନା କରିଦେଲା। କହିଲା, ଆରେ ଖଟଣିଦାର ଲୋକ ମୁଁ। ହାତଗୋଡ ଦିଇଟା ମଜୁରୀ ସମାନ ଟଙ୍କା ପାଇଁ ପଞ୍ଚାୟତ ଅଫିସ ଆଗରେ ଓଳିଏ ଗୋଡଭାଙ୍ଗି ଠିଆ ହେଇ ଭିକାରି ଭଳି ହାତପତେଇବି ଶେଷରେ! ନା, ମୋର ସେ ସରକାରୀ ଦାନ ଦରକାର ନାହିଁ। ଗରୀବ ହେଲେ କଣ ହେବ, ସ୍ୱାଭିମାନକୁ ନେଇ ବଞ୍ଚିବା ଭିତରେ ତାକୁ ଏବର୍ଷ ବୟାଅଶୀ ପୁଣି ତେୟାଅଶୀ ଚାଲିଲା। ଈଶ୍ୱରଙ୍କ କୃପାରୁ ବାପ-ଗୋସେଇଁବାପ ଅମଳରୁ ଘରଡିହ ଖଣ୍ଡେ ସାଙ୍ଗକୁ ମାପଜମି ପାଞ୍ଚ'ପା ମଧ୍ୟ ରହିଛି। ନିଜ ଜମି ଉଠିଆ କରିସାରିବା ପରେ ଘରେ ନ ବ ସି ସାଇ-ପଡିଶାଙ୍କ ବିଲ-ବାରିରେ ମୁଲଲାଗି ମଜୁରୀ ବାବଦକୁ ଯାହା ଦି'ପଇସା କମାଏ ସେଇଥିରେ ତା'ର ସଉଦା ଖର୍ଚ୍ଚ ଚଳିଯାଏ। ପିଲାଯି ଦିନରୁ ନିଶାପାଣି କି ଅମଳ କିଛି ନାହିଁ। ମେହେନତି ମଣିଷ ସିଏ, ରୋଗବୈରାଗ ତା ଦିହକୁ ଛୁଏଁନା। ମାଗୁଣିର ପରିବାର କହିଲେ ଝିଅଟିଏ, ପୁଅଟିଏ, ସୁନି ବୋଉ ଆଉ ସେ ନିଜେ। ସୁନି ବୋଉ ବଞ୍ଚିଥିଲା ବେଳେ ଝିଅ ସୁନିର ବାହାଘର ହେଇଯାଇଥିଲା। ସେତେବେଳକୁ ପୁଅ ରୁଗା ତିନିବର୍ଷର ପିଲା। ସେଯାକେ ସବୁ ଠିକ ଠାକ ଚାଲିଥିଲା। ଝୁଅ ବାହାଘରର ପକ୍ଷେ ନପୁରୁଣୁ ବଇଦ ଦାଉ ସାଥିଲା କି କଣ କିଛି କୋଉଠି ନାହିଁ ଦିନେ ଖରାବେଳେ ପାଳରୁ ଫେରି ଦୁଆର ମୁହଁରେ ପାଦ ଦେଉଦେଉ ଅକସ୍ମାତ ମୁଣ୍ଡଟା ଘୁରେଇ ଦେଲାକି କ'ଣ ଗଛକାଟିଲା ପରା ଭୁଇଁରେ କଚାଡି ହେଇ ପଡିଗଲା ସୁନିବୋଉ। ଘରକୁ ଟେକିନେଇ ମୁହଁରେ ମୁଣ୍ଡରେ ପାଣି ଛିଟା କରି ମୁହଁକୁ ପଙ୍ଖା କଲା ପରେ ଚେତା ଆସିଲା। ମାତ୍ର, ସେଇ ଦିନଠୁ ତା'ରାଣି ଭାଙ୍ଗିଗଲା ଯେ ଠିଆ ହେବାକୁ ତା'ର ଆଉ ବଳ ପାଇଲାନାହିଁ। ମୂଳରୁ ସୁନିବୋଉ ଆଜିକାଲିକା ଡାକ୍ତରୀ ଔଷଧ ଦେଖିଲେ ନାକ ଟେକେ। ମାରି ପକେଇଲେ ବି ସେଇ ଔଷଧ ପାଟିକୁ ନେବନାହିଁ ବୋଲି ଗାଁ ବଇଦ ଯେତେ ଚେରମୁଳି-ଚୁରଣ ଦେଲେ, ସବୁ ଖାଇଲା। ବାର ଲୋକ ବାର ପ୍ରକାର ଟୁଟୁକା ବତେଇଲେ ସବୁ ଦେଲା, ଗାଁ ଠାକୁରାଣୀଙ୍କ ଠୁ ଆରମ୍ଭ କରି ପ୍ରଭୁ ଆରଡିଶ୍ୱରଙ୍କ ପର୍ଯ୍ୟନ୍ତ କେତେ ମାନସିକ ରଖିଲା ପରେ ମଧ୍ୟ ଅବସ୍ଥା ସୁଧୁରିବା ବଦଳରେ ବେଳକୁ ବେଳ ଆହୁରି ବିଗିଡିବାକୁ ଲାଗିଲା। ଏମିତି ଏମିତି ଦିନ ଦଶଟା ଭିତରେ ବାପ ପୁଅ ଦୁହିଁଙ୍କୁ ଛାଡି ସ୍ୱର୍ଗବାସିନୀ ହେଇଗଲା ସୁନିବୋଉ। ମରୁଭୂମିର ଖଜୁରୀ ଗଛ ଭଳି ଅଭାବ-ଅସୁବିଧା ଆଉ ଅନ୍ଧାର ଭିତରେ ବାଟ ଖୋଜିଖୋଜି ଏଇଯାକେ ଆସିଥିବା ମଣିଷ ମାଗୁଣିକୁ ବାଧିଥିଲା ସତ ହେଲେ, ଭାଙ୍ଗିପଡି ନଥିଲା ସେ। ମନକୁ ଟାଣ କରି କମର ଭିଡିଥିଲା ପୁଅ ରୁଗାକୁ ମଣିଷ କରିବା ପାଇଁ। ଭାବିଥିଲା ପିଲାଟାର ମୁଣ୍ଡକୁ ହାତ ପାଇଗଲେ ତାକୁ ହାତରୁ ଦି'ହାତ କରିଦେଇ ନିଶ୍ଚିନ୍ତ ହେବ।

କଷ୍ଟେମଷ୍ଟେ ମାଇନର ପାସ କଲାପରେ ରୁଗା ଆଉ ପାଠକୁ ଆଗ୍ରହ କଲାନାହିଁ, ସେଇଠୁ ପୋଥିରେ ଡୋର ବାନ୍ଧି ବରଷେ ଖଣ୍ଡେ ଗାଁ'ରେ ବୁଲିଲା। ମାଗୁଣି ନିଘା କଲା ସେ ଆସ୍ତେଆସ୍ତେ କୁସଙ୍ଗୀ ହେବାକୁ ଲାଗୁଛି। ଭାବିଲା, ଏମିତି ପୋଲାଫାଙ୍କିଆ ହେଇ ଗାଁରେ ବୁଲିଲେ ପିଲାଟାର ପା ବେଳକୁ ବେଳ ତଳକୁ ଖସି ଚାଲିବ। ମରଦ ପୁଅ, କାନ୍ଧ ଉପରେ କାମର ଭାର ନରହିଲେ ଅମହଣିଆ ହେଇଯିବ। ଶୁଣ୍ଢିସାହିର ଘନଭାଇ ମାଗୁଣିର ପିଲାଦିନର ସାଙ୍ଗ। ମଣିଷ ଭଳିଆ ମଣିଷ ଗୋଟିଏ। ଘନଭାଇ ପୁଅ ରାଧୁଆ ବହୁତ ପାଠ ପଢ଼ିଛି। ସୁରତର କୋଉ ଗୋଟାଏ ବହୁତ ବଡ ସୁତାମିଲର ମେନେଜର ଚାକିରି କରେ। ପୁଅକୁ କହି ମା'ଛେଉଣ୍ଡ ରୁଗାଟାକୁ କିଛି ଗୋଟେ କାମରେ ଲଗେଇ ଦେବା ପାଇଁ ଘନଭାଇକୁ ହାତ ଓଠ ଧରି ନେହୁରା ହେଇଥିଲା ମାଗୁଣି। ବର୍ଷେ-ଛ ମାସ ସାନ ହେଲେ ବି କାମରେ ଲଗେଇ ଦେଇଥିଲା ବୋଲି ପିଲାଟି ଭାସି ନ ଯାଇ କିନାରା ଧରିଛି ଅଠି। ଭଲ ଦି'ପଇସା କମାଉଛି। ତେରସ୍ତା ବର୍ଷ କେତେ ଖୋଜଖବର ନେଇ ବୈତରଣୀ ନ ସେପାରି ଗାଁ ବିଷ୍ଣୁପୁରର ଏକ କୁଳୀନ ଚାଷୀବନ୍ଦୀ ପରିବାରର ସୁନାନାକି କନିଆଁଟେ ଦେଖି ତାର ବିଭାଘର କରିଦେଇଥିଲା ମାଗୁଣି। ଝିଅଟି ଯେ ଖାଲି ଗୋଟିଏ ଚାଉଳରେ ଗଢ଼ା ତ' ନୁହେଁ, ବେଭାର-ଆଚାର, ଚାଲି-ଚଳନ, କଥାଭାଷା ଓ ଘରକରଣା କାମ, ସବୁ କଥରେ କୋଟିଏରେ ଗୋଟିଏ। ସେ ବୋହୂହୋଇ ଆସିଲା ପରେ ମାଗୁଣି ଈଶ୍ୱରଙ୍କୁ ଧନ୍ୟବାଦ ଜଣାଇ କହିଲା "ପ୍ରଭୁହେ, ତୁମର ଦାତାପଣକୁ ଧନ୍ୟ କହିବାକୁ ମୋ ପାଖରେ ଭାଷା ଅଛି ନା କ୍ଷମତା ଅଛି, କିଛି ନାହିଁ ପ୍ରଭୁ। ମୋ ଜୀବନ ଯାକର ସବୁ ମାଗୁଣୀକୁ ଏକାଥରକେ ପୁରା କରିଦେଲ। ଧନ୍ୟ ତୁମେ ପ୍ରଭୁ, ଧନ୍ୟ ତୁମ ଲୀଳା।"

ବିଭାଘର ବେଳକୁ ରୁଗା କହିପୁଛି ଦୁଇମାସ ଛୁଟି ନେଇ ଆସିଥିଲା। ଛୁଟି ପୁରି ଯିବାବେଳେ ଯେତେ କତି ହେଇ ଆସୁଥିଲା ମାଗୁଣି ମନର ସରସତା ସେତେ କମିକମି ଯାଉଥିଲା। ଉପରକୁ ଯେତେ ଘୋଡେଇଲେ କଣହେବ ରୁଗା ସବୁ ବୁଝି ପାରୁଥିଲା। ଯୋଉ ବାପ ତା'ର ବାପ, ମା, ଭାଇ, ଭଉଣୀ, ସାଙ୍ଗସାଥି ସବୁକିଛି ଥିଲା ତା'ମନ ତଳର ଭାବ-ଭାବାନ୍ତରକୁ ପୁଅ ହେଇ ନ ବୁଝିପାରିବ କେମିତି। ଯୋଉଦିନ ରୁଗା ସୁରତ ଯିବାର ଥିଲା ତା'ର ଦୁଇଦିନ ପୂର୍ବ ସଂଧ୍ୟାବେଳେ ଚାହା ପିଇସାରି ମାଗୁଣି କହିଲା, "ତୁ ଗୋଟେ କାମ କରେ ବାବା, ତୋର ଆଉ ବୋହୁ ମା'ଙ୍କର ଯୋଉସବୁ ଜିନିଷ ନବୁ ସେସବୁ ବାହାର କରିଆଣ ମୁଁ ବନ୍ଧାବନ୍ଧି କରିଦେବି। ମନେ ପକେଇକି ଗୋଟିଏ ଗୋଟିଏ କରି ସବୁ ପଦାର୍ଥ ବାହାର କରିବୁ। ନହେଲେ ହଠାତ ନୂଆ ଜାଗାରେ ନୂଆବୋହୂଟା ହଇରାଣ ହରକତ ହେବ। ସେଠେଇ କୋଉ ସାଇପଡିଶା ଅଛନ୍ତି ଯେ, ଗାଁ ପରି ନଥିବା ପଦାର୍ଥ ଉଧାର ବଦଳ କରି ଚଳି ଯାଇହେବ।"

ମାଗୁଣି ଏକଥା କହିଲା ବେଳେ ରୁଗା ଅଗଣା ପାଖ ଖୁଣ୍ଟକୁ ଆଉଜି ଓଢ଼ଣୀ ଟାଣି ଠିଆ ହେଇଥିବା ମିନିର ଆଖିକୁ ଚାହିଁ କିଛି ପଢ଼ିବାରେ ବ୍ୟସ୍ତ ଥିଲା। ମିନି ମଧ୍ୟ ବୁଢ଼ା ଶଶ୍ୱରଙ୍କୁ ଏକୁଟିଆ ଛାଡିଦେଇ ରୁଗା ସାଥିରେ ବିଦେଶକୁ ଯିବାକୁ ଅମଙ୍ଗ ଥିଲା।

(କ୍ରମଶଃ)

### ଜଳସମ୍ପଦ ବିଭାଗର ସମୀକ୍ଷା ବୈଠକ

# ୧୪୦ ଅସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜ୍ୟରେ ଚଳିତ ୨୦୨୦-୨୧ ବର୍ଷ ସୁଦ୍ଧା ନୂଆ ୪ ହଜାର ହେକ୍ଟର ଆୟକଟ ସୃଷ୍ଟି କରାଯିବ। ଯାହାଫଳରେ ରାଜ୍ୟରେ ଜଳସେଚନ କ୍ଷମତା ବୃଦ୍ଧି ପାଇବା ସହ ଚାଷୀକୁଳ ଉପକୃତ ହେବେ। ଗତ ୪ ତାରିଖରେ ରାଜୀବ ଭବନରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଉପରୋକ୍ତ ପ୍ରସ୍ତାବ ଦେଇଛନ୍ତି। ସେହିପରି ରାଜ୍ୟର ଯେଉଁ ସମସ୍ତ ଆଂଶିକ ଓ ସମ୍ପୂର୍ଣ୍ଣ ପରିତ୍ୟକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ଉପଯୋଗୀ ଅବସ୍ଥାରେ ରହିଛି ସେଗୁଡ଼ିକର ମଧ୍ୟ ୨୦୨୦-୨୧ ବର୍ଷରେ ପୁନରୁଦ୍ଧାନ କରାଯିବାକୁ ସ୍ଥିରୀକୃତ ହୋଇଛି। ସୂଚନାଯୋଗ୍ୟ ଯେ ଗତ ୪ ତାରିଖରେ ରାଜୀବ ଭବନରେ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ରାଜ୍ୟବ୍ୟାପୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସ୍ଥିରୀକୃତ ନିଷ୍ପତ୍ତିର କାର୍ଯ୍ୟକାରୀ କରିବା ପାଇଁ ଜଳ ସମ୍ପଦ ବିଭାଗର ଉପସଚିବ ରମାକାନ୍ତ ଦାସ ବିଭାଗ ସହ ଜଡ଼ିତ ବିଭିନ୍ନ ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ବୈଠକରେ ମୁଖ୍ୟଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ ବର୍ତ୍ତମାନ ରାଜ୍ୟବ୍ୟାପୀ ୩୭୧୩ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଥିବା ବେଳେ ଏହା ଖରିଫ୍ ଋତୁରେ ୫ ଲକ୍ଷ ୧୪ ହଜାର ୮୧୭ ହେକ୍ଟର ଏବଂ ରବି ଋତୁରେ ୭୫ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରୁଛି। ସେହିପରି ଚଳିତ ବର୍ଷ ଜୁନ୍ ସୁଦ୍ଧା ୧୪ ହଜାର ୩୧୮ଟି ଟେକ୍ ଡ୍ୟାମ ନିର୍ମାଣ ସରିଛି। ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ସଚିବ ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରିବା ସହ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ୧୪୦ଟି ଅସମ୍ପୂର୍ଣ୍ଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଥିବା ବେଳେ ଏହାର ଆୟକଟର ପରିମାଣ ୪୦ ହଜାର ହେକ୍ଟର ଅଟେ। ଏହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ପାଇଁ ପଦକ୍ଷେପ ନେବାକୁ ବୈଠକରେ ପ୍ରମୁଖ ସଚିବ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିପରି ରୁରାଲ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟ ଫଣ୍ଡ(ଆରଆଇଡିଏଫ୍) ବିନିଯୋଗରେ ନିରାଧୀନ ୩୫ଟି ବୃହତ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ମଧ୍ୟ ଚଳିତ ବର୍ଷ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ୧୩ ମାମଲାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଫରେଷ୍ଟ କ୍ଲିୟରାନ୍ସ ବାଧକ ସାଜିଥିବା ବେଳେ, ଏଥିରେ ୧୦୩ ହେକ୍ଟର ଜଙ୍ଗଲ ଜମି ଥିବା ଜଣାପଡ଼ିଛି। ତେଣୁ ଉପରୋକ୍ତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ପାଇଁ ମୁଖ୍ୟଯନ୍ତ୍ରୀ ଆସନ୍ତା ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା, ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ଚେକ୍ ଡ୍ୟାମର ଉନ୍ନତିକରଣ କାର୍ଯ୍ୟ ଚଳିତ ବର୍ଷ ମଧ୍ୟରେ ସାରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପ୍ରତ୍ୟେକ ପ୍ରକଳ୍ପର ନିର୍ମାଣ ଆରମ୍ଭ ଓ ଶେଷ ଫଟୋଚିତ୍ରଗୁଡ଼ିକୁ ଜଳ ସମ୍ପଦ ବିଭାଗର ଓ୍ୱେବସାଇଟ୍‌ରେ ଅପଲୋଡ କରିବା, ଭୂତଳ ଜଳସ୍ତରର ସଠିକ୍ ଯାଞ୍ଚ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କରୋନା ଯୋଦ୍ଧାଙ୍କୁ ...

ଏହି ସ୍ୱାଧୀନତା ସଂଗ୍ରାମରେ ଭାରତର ସଂଗ୍ରାମକୁ ଅବଦମିତ କରିବା ପାଇଁ ମଧ୍ୟ ନିରନ୍ତର ଚେଷ୍ଟା କରାଯାଇଥିଲା। ଦେଶବାସୀଙ୍କୁ ୭୪ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତକୁ ଏହାର ସଂସ୍କୃତି, ପରମ୍ପରା ଏବଂ ରୀତିରୀତିରୁ ହଟାଇବା ପାଇଁ ଉଦ୍ୟମ କରାଯାଇଥିଲା। ସାମ-ଦାମ-ଦଣ୍ଡ-ଭେଦ, ସବୁକିଛି ସେ ସମୟରେ ଶିଖରରେ ଥିଲା। କିଛି ଲୋକ ବିଶ୍ୱାସ କରୁଥିଲେ ଯେ, ସେମାନେ ଏଠାରେ ଶାସନ କରିବାକୁ ଆସିଛନ୍ତି। କିନ୍ତୁ ସ୍ୱାଧୀନତାର ଡାକରା ସେମାନଙ୍କର ସମସ୍ତ ଯୋଜନାକୁ ପଣ୍ଡ କରିଦେଇଥିଲା। ସେମାନେ ଭାବୁଥିଲେ ଯେ, ଅନେକ ରାଜ୍ୟ, ଅନେକ ଭାଷା, ଖାଦ୍ୟ, ଅନେକ ଭାଷା, ଏତେ ବିବିଧତାକୁ ନେଇ ଗଠିତ ଏତେ ବଡ ଦେଶ କେବେହେଲେ ଏକାଠି ସ୍ୱାଧୀନତା ସଂଗ୍ରାମ ଲଢ଼ି ପାରିବେ ନାହିଁ। କିନ୍ତୁ ସେମାନେ ଆମର ପ୍ରାଣଶକ୍ତିକୁ ଚିହ୍ନି ପାରିଲେ ନାହିଁ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ସେଭଳି ଘଡିସନ୍ଧି ସମୟରେ ମଧ୍ୟ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ ଜାରି ରହିଥିଲା। ସଂଗ୍ରାମୀମାନେ କଷ୍ଟ ସହି ସଂଗ୍ରାମ ଜାରି ରଖିଥିଲେ। ଭାରତର ଏହି ଲଢ଼େଇ ବିଶ୍ୱରେ ସ୍ୱାଧୀନତା ପାଇଁ ଏକ ପରିବେଶ ସୃଷ୍ଟି କରିଥିଲା। ଭାରତର ଏହି ଶକ୍ତି ବିଶ୍ୱରେ ଏକ ପରିବର୍ତ୍ତନ ଆଣିଥିଲା। ବିସ୍ତାରବାଦ ପାଇଁ ଭାରତ ଏକ ଆହ୍ୱାନ ସୃଷ୍ଟି କରିଛି ଏବଂ ଇତିହାସ ଏହାକୁ ଅସ୍ୱୀକାର କରିପାରିବ ନାହିଁ। ସାରା ବିଶ୍ୱରେ ଭାରତ ସ୍ୱାଧୀନତା ସଂଗ୍ରାମରେ ନିଜର ଏକତାର ଶକ୍ତି, ସାମୁହିକତାର ଶକ୍ତି, ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ନିଜର ଦୃଢ଼ତା ଓ ପ୍ରେରଣାକୁ ପାଥେୟ କରି ଅଗ୍ରସର ହେବାରେ ଲାଗିଲା। ସମ୍ପ୍ରତି କରୋନା ସଂକ୍ରମଣ କାଳ ମଧ୍ୟରେ ୧୩୦ କୋଟି ଭାରତୀୟ ଆତ୍ମନିର୍ଭରଶୀଳ ହେବାକୁ ସଂକଳ୍ପ ଗ୍ରହଣ କରିଛନ୍ତି। ଆତ୍ମନିର୍ଭରଶୀଳ ଭାରତ ଆଜି ପ୍ରତ୍ୟେକ ଭାରତୀୟଙ୍କ ମନରେ ନୂଆ ଆଶା ସଂଚାର କରିଛି। ଏହି ସ୍ୱପ୍ନ ଏବେ ସଂକଳ୍ପର ରୂପ ନେଇଛି। ଏହା ଏବେ ୧୩୦ କୋଟି ଦେଶବାସୀଙ୍କ ପାଇଁ ଏକ ମନ୍ତ୍ର ପାଲଟିଛି। ଯେତେବେଳେ ମୁଁ ଆତ୍ମନିର୍ଭରଶୀଳ ବିଷୟରେ କହୁଛି, ସେତେବେଳେ ଅନେକ ଲୋକ ନିଶ୍ଚୟ ଶୁଣିଥିବେ ଯେ ସେମାନେ ବର୍ତ୍ତମାନ ୨୧ ବର୍ଷର ହୋଇଗଲେଣି ଏବଂ ବର୍ତ୍ତମାନ ସେମାନଙ୍କୁ ଆତ୍ମନିର୍ଭର ହେବାକୁ ପଡିବ। ୨୦-୨୧ ବର୍ଷରେ ପରିବାର ଆଶା କରେ ଯେ, ସେମାନଙ୍କ ପିଲାମାନେ ଆତ୍ମନିର୍ଭର ହେବେ। ସ୍ୱାଧୀନତାର ଏତେ ବର୍ଷ ପରେ ଆଜି ଭାରତ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ। ପରିବାର ପାଇଁ ଯାହା ଆବଶ୍ୟକ ତାହା ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହି ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବ। ଏହି ଦେଶର ଶକ୍ତି, ପ୍ରତିଭା ପାଇଁ ସେ ଗର୍ବିତ ବୋଲି କହିଥିଲେ। କରୋନା ସଙ୍କଟ ସମୟରେ ବିଶ୍ୱ ସମ୍ମୁଖୀନ ହେଉଥିବା ଅସୁବିଧା ଆମେ ଦେଖିଛୁ। ଆମେ ଅନେକ ଆବଶ୍ୟକ ଜିନିଷର ଅଭାବ ମଧ୍ୟ ଅନୁଭବ କରିଛେ। ଆମ ଦେଶରେ ଏନ୍-୯୫ ମାସ୍କ ତିଆରି ହେଉନଥିଲା, ପିପିଇ କିଟ୍ ତିଆରି ହେଉନଥିଲା, ଭେଣ୍ଟିଲେଟର ତିଆରି ହେଉନଥିଲା କିନ୍ତୁ ଏବେ ସେଗୁଡିକ ତିଆରି କରାଯାଉଛି। ଆଜି ଆମେ ଚିନ୍ତା କରୁଛୁ ଯେ, ଆତ୍ମନିର୍ଭରଶୀଳ ଭାରତ କିପରି ବିଶ୍ୱକୁ ସାହାଯ୍ୟ କରିପାରିବ। ସ୍ୱାଧୀନ ଭାରତର ମାନସିକତା କ'ଣ ହେବା ଉଚିତ୍। ସ୍ଥାନୀୟ ଉତ୍ପାଦଗୁଡିକ ପାଇଁ ଆମେ ଆଜି ଗୌରବାନ୍ୱିତ ମନେ କରୁଛୁ। ଯଦି ଏହା ନ କରିବା, ତେବେ ସେମାନଙ୍କର ସାହସ ବୃଦ୍ଧି ପାଇବ ନାହିଁ। ଆମେ ସଂକଳ୍ପ ନେବା ଯେ, ଯେତେବେଳେ ଆମେ ସ୍ୱାଧୀନତାର ୭୫ ବର୍ଷ ଆଡକୁ ଗତି କରୁଛୁ, ସେଥିପାଇଁ ଆମକୁ ଭୋକାଲ୍ ଫ୍ରମ ଲୋକାଲ ମନ୍ତ୍ର ଗ୍ରହଣ କରିବାକୁ ପଡିବ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ଦେଶ କିପରି ଚମତ୍କାର କରିପାରେ ଏବଂ ଅଗ୍ରସର ହୁଏ ତାହା ଆମେ ବୁଝିପାରୁ। କିଏ କଳ୍ପନା କରିଥିଲା ଯେ, ଲକ୍ଷ ଲକ୍ଷ କୋଟି ଟଙ୍କା ସିଧାସଳଖ ଗରିବଙ୍କ ଜନଧନ ଆକାଉଣ୍ଟକୁ ହସ୍ତାନ୍ତର ହେବ। କିଏ ଭାବିଥିଲା ଯେ, କୃଷକଙ୍କ ସୁବିଧା ପାଇଁ ଆଇନରେ ପରିବର୍ତ୍ତନ ହେବ। କିଏ ଭାବିଥିଲା ଯେ, ଆମ ମହାକାଶ କ୍ଷେତ୍ର ଆମ ଦେଶର ଯୁବକମାନଙ୍କ ପାଇଁ ଉନ୍ମୁକ୍ତ ହେବ। ଏକ ଜାତୀୟ ଶିକ୍ଷା ନୀତି ହେଉ କି ଗୋଟିଏ ଦେଶ ଗୋଟିଏ କାର୍ଡ ହେଉ, ଗୋଟିଏ ରାଷ୍ଟ୍ର ଗୋଟିଏ ଗ୍ରୀଡ ହେଉ କି ଗୋଟିଏ ରାଷ୍ଟ୍ର ଗୋଟିଏ କର ବ୍ୟବସ୍ଥା ହେଉ ବା ବ୍ୟାଙ୍କ ମିଶ୍ରଣ ହେଉ, ସବୁଥିରେ ହେଉଥିବା ସଂସ୍କାର ଓ ପରିବର୍ତ୍ତନ ସାରା ଦୁନିଆ ଦେଖୁଛି। ସେ ଆହୁରି କହିଥିଲେ ଯେ, ଗତବର୍ଷ ଭାରତରେ ପ୍ରତ୍ୟେକ୍ଷ ପୁଞ୍ଜି ବିନିଯୋଗ ଏପର୍ଯ୍ୟନ୍ତ ସମସ୍ତ ରେକର୍ଡ ଭାଙ୍ଗିଛି। ଗତବର୍ଷ ଭାରତରେ ଏଫ୍‌ଡିଆଇ ୧୮% ବୃଦ୍ଧି ପାଇଛି। ସେଥିପାଇଁ ଦୁନିଆର ବଡ ବଡ କମ୍ପାନୀ ମଧ୍ୟ କରୋନା ଅବଧିରେ ଭାରତ ଆଡକୁ ମୁହାଁଉଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ବିଶ୍ୱାସ ଆସିନଥିଲା। ଏଥିପାଇଁ ଭାରତ ନିଜର ନୀତି ତଥା ଗଣତନ୍ତ୍ରକୁ ଦୃଢ଼ କରିବା ଉପରେ କାର୍ଯ୍ୟ କରିଛି ଯାହା ଫଳରେ ଏହି ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିଛି।

### 'କରୋନା ମୁକାବିଲାରେ ...

କାମନା କରୁଛି, 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସାନ୍ତୁ ନିରାମୟାଃ। ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିଦ୍ ଦୁଃଖଭାଗ ଭବେତ୍।' ରାଷ୍ଟ୍ରପତି କହିଛନ୍ତି, ଏ ବର୍ଷର ସ୍ୱାଧୀନତା ଦିବସ କରୋନା ମହାମାରୀ ପରି ଏକ ଅଭୂତପୂର୍ବ ସଙ୍କଟ ମଧ୍ୟରେ ପାଳନ କରାଯାଉଛି। ନିଜକୁ ବିଶ୍ୱର ମାଲିକ ବୋଲାଉଥିବା ମଣିଷର ଗର୍ବକୁ ଏହି ଅଦୃଶ୍ୟ ଭୂତାଣୁ ଭାଙ୍ଗି ଚୂରମାର କରିଦେଇଛି। ମଣିଷକୁ ପ୍ରକୃତି ସହ ସହାବସ୍ଥାନ କରିବାକୁ ହେବ। କରୋନା ମହାମାରୀ ଯୋଗୁ ସାରାବିଶ୍ୱର ମଣିଷ ସମାଜ ପ୍ରଭାବିତ ହୋଇଛନ୍ତି। ଗରିବ ଲୋକମାନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ତେବେ କରୋନା ମୁକାବିଲା ପାଇଁ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପରିମଳ କର୍ମୀ ଆଦି କୋଭିଡ୍ ଯୋଦ୍ଧାଙ୍କୁ କୃତଜ୍ଞତା ଜଣାଉଛି। ଚୀନ୍‌କୁ ସମାଲୋଚନା କରି ରାଷ୍ଟ୍ରପତି କହିଛନ୍ତି, କରୋନା ମୁକାବିଲା ପାଇଁ ସମଗ୍ର ବିଶ୍ୱ ସମୁଦାୟ ଏକଜୁଟ ହେବା ଆବଶ୍ୟକ। କିନ୍ତୁ ଏହି ସଙ୍କଟର ସୁଯୋଗ ନେଇ ଆମର ପଡୋଶୀ ବିସ୍ତାରବାଦୀ ନୀତି ଜାରି ରଖିଛନ୍ତି। ଦେଶର ସୀମା ସୁରକ୍ଷା ପାଇଁ ଓ ରାଷ୍ଟ୍ରୀୟ ସ୍ୱାଭିମାନ ପାଇଁ ଆମର ବୀର ଯବାନମାନେ ନିଜର ପ୍ରାଣବଳି ଦେଇଛନ୍ତି। ସାରା ଦେଶ ଗଲୱାନର ସହିଦମାନଙ୍କୁ ସଲାମ ଜଣାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି କହିଛନ୍ତି ଯେ ରାମମନ୍ଦିର ନିର୍ମାଣ ହେବା ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଏଥର ସ୍ୱାଧୀନତା ଦିବସ ସମାରୋହକୁ ଯଥାସମ୍ଭବ କମ୍‌ଲୋକଙ୍କୁ ନେଇ ପାଳନ କରିବାକୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ ଦ୍ୱାରା ଜନସମାଗମକୁ କମ୍ କରିବାକୁ ଉଦ୍ୟମ କରାଯାଉଛି।

### ସମସ୍ତଙ୍କ ଜୀବନ ...

ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ପର୍ଯ୍ୟଟନ, ପରିବହନ ସେବା ପ୍ରଭାବିତ ହୋଇଛି। ବିଶ୍ୱର କୋଟି କୋଟି ଲୋକ କରୋନା ପାଇଁ ଜୀବିକା ହରାଇଛନ୍ତି। ଭ୍ୟାକ୍ସିନ ଆସି ସାରିଲେ ହିଁ କରୋନା ନିୟନ୍ତ୍ରଣକୁ ଆସିପାରିବ। କ୍ଷତି ଭରଣା ପାଇଁ ସମସ୍ତଙ୍କୁ ସାହସର ସହ କାମ କରିବାକୁ ପଡିବ। ମୋର ବିଶ୍ୱାସ କରୋନା ଶୀଘ୍ର ଦୂର ହେବ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଲକଡାଉନ ସମୟରେ ଅର୍ଥନୈତିକ ଗତିବିଧି ଜାରି ରଖିବା ପାଇଁ ପଦକ୍ଷେପ ନିଆଯାଉଛି। ଚାଷ କାମ, ନିର୍ମାଣ କାମ ସହ ବିଭିନ୍ନ ରୋଜଗାର ସୃଷ୍ଟି କାମ ଜାରି ରହିଛି। ଗରିବ ଲୋକ ଓ ଶ୍ରମିକମାନଙ୍କୁ ସହାୟତା ଦିଆଯାଉଛି। ଗତ ୬ ମାସରେ ଓଡ଼ିଶାକୁ ୧୨ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ଦେଶରେ ଏହି ସମୟରେ ହୋଇଥିବା ନିବେଶର ୮୦% ଓଡ଼ିଶାକୁ ହିଁ ଆସିଛି। ମହାରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶା ନିବେଶ କ୍ଷେତ୍ରରେ ଦେଶର ୧ ନମ୍ବର ରାଜ୍ୟ ହୋଇରହିଛି। ୨୦୧୯-୨୦ରେ ଦେଶରେ କୃଷି କ୍ଷକ୍ଷତ୍ରରେ ୨.୮୦% ଉନ୍ନତି ରହିଥିବା ବେଳେ ରାଜ୍ୟରେ ୭.୬୧% ହୋଇପାରିଛି। କରୋନା ବିରୋଧୀ ଲଢ଼େଇରେ କୋଭିଡ୍ ଯୋଦ୍ଧାମାନେ ଯେଉଁଭଳି କାର୍ଯ୍ୟ କରୁଛନ୍ତି ତାହାର ତୁଳନା ନାହିଁ। ସେମାନଙ୍କ ପାଇଁ ରାଜ୍ୟରେ ଆରୋଗ୍ୟ ହାର ବୃଦ୍ଧି ପାଉଛି। ଓଡ଼ିଶାର ମୃତ୍ୟୁ ସଂଖ୍ୟାମ ଧ୍ୟ ସାରା ଦେଶରେ କମ ରହିଛି। ଓଡ଼ିଆ ଜାତି କୋଭିଡ ଯୋଦ୍ଧାଙ୍କ କାର୍ଯ୍ୟ ପାଇଁ ଋଣି। ଓଡ଼ିଶା ଅନେକ ବିପର୍ଯ୍ୟୟର ସାମ୍ନା କରିଛି। ସାହାସର ସହ ମୁକାବିଲା କରି ନୂଆ ଇତିହାସ ଲେଖିଛି। ମୋର ବିଶ୍ୱାସ ରହିଛି କରୋନା ଶୀଘ୍ର ଦୂରହେ। ସ୍କୁଲମାନଙ୍କରେ ପୁଣି ଥରେ ଘଣ୍ଟା ବାଜି ଉଠିବ। ମାନବଜାତିର ଜୟଯାତ୍ରା ଆହୁରି ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ବହୁତଳ ଅଟ୍ଟାଳିକାକୁ ...

ନିର୍ମାଣ ଅନୁମୋଦନରେ ସରଳୀକରଣ କରାଯାଇ ବର୍ତ୍ତମାନ କିଛି ନୂତନ ମଡେଲ୍ ପ୍ଲାନ ପ୍ରସ୍ତୁତ କରାଯାଇଛି। ଯେକୌଣସି ପ୍ଲାନ୍ ମୁତାବକ ଗୃହ ନିର୍ମାଣ କରିବାକୁ ହେଲେ କେବଳ ଆବଶ୍ୟକ ଟଙ୍କା ଦାଖଲ କରି ଅଣ୍ଡରଟେକିଂ ଦେଇ ଗୃହ କାର୍ଯ୍ୟ ଆରମ୍ଭ କରାଯାଇପାରିବ। ସେହିପରି ପୁରୁଣା ଘରର ନବୀକରଣ ପାଇଁ ରିହାତି ଦିଆଯାଇଛି। ପୂର୍ବରୁ ଏନେଇ କୌଣସି ବିଧିବଦ୍ଧ ବ୍ୟବସ୍ଥା ନଥିବା ବେଳେ ଏଣିକି ପୁରୁଣା ଘରର ନବୀକରଣ କରିବାକୁ ହେଲେ କୌଣସି ଅନୁମତିର ଆବଶ୍ୟକତା ନାହିଁ। ଏହାସହ ଖର୍ଦ୍ଦିଯୋଗ୍ୟ ଫ୍ଲୋର ଏରିଆ ରେସିଓ ପାଇଁ ଦେୟ ୫୦ ପ୍ରତିଶତ କମ୍ କରାଯାଇଛି। ସେହିପରି ଏଣିକି ଜମି ମୂଲ୍ୟର ୨୫ଭାଗ ଅଧା ମୂଲ୍ୟରେ ଉପଲବ୍ଧ ହେବ। ସେହିପରି ବାହ୍ୟ ଭିତ୍ତିଭୂମି ଉନ୍ନତିକରଣ ଫି' ଏବଂ ଖର୍ଦ୍ଦିଯୋଗ୍ୟ ଫ୍ଲୋର୍ ଏରିଆ ରେସିଓ ଦେୟ କିସ୍ତିରେ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଅକ୍ୟୁପାନ୍ସି ସାର୍ଟିଫିକେଟ୍ କ୍ଷେତ୍ରରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସମ୍ପୂର୍ଣ୍ଣ ପ୍ରକଳ୍ପର ଅକ୍ୟୁପାନ୍ସି ସାର୍ଟିଫିକେଟ୍ ଦିଆଯାଉଥିବାସ୍ଥଳେ ବର୍ତ୍ତମାନ 'ରେରା' ପଞ୍ଜୀକରଣ ମୁତାବକ ପର୍ଯ୍ୟାୟକ୍ରମେ ନିର୍ମାଣ କରାଯାଉଥିବା ପ୍ରକଳ୍ପ ତଥା 'ରେରା' ପଞ୍ଜୀକରଣ ଆବଶ୍ୟକ ହେଉନଥିବା ପ୍ରକଳ୍ପ ପାଇଁ ଆଂଶିକ ଅକ୍ୟୁପାନ୍ସି ସାର୍ଟିଫିକେଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ଉଚ୍ଚ ଅଟ୍ଟାଳିକାମାନଙ୍କର ଗ୍ରାଉଣ୍ଡ୍ କଭରେଜ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି। ପୂର୍ବରୁ ଉଚ୍ଚ ଅଟ୍ଟାଳିକା ତିଆରି କରିବା ପାଇଁ କୌଣସି ଗ୍ରାଉଣ୍ଡ୍ କଭରେଜ୍ ପ୍ରତିବନ୍ଧକ ନଥିଲା, ହେଲେ ଏଣିକି ଡେଭଲପର୍ ୧୫ରୁ ୧୮ ମିଟର ଉଚ୍ଚତାବିଶିଷ୍ଟ କୋଠାଘର ତିଆରି କଲେ ୫୦ ପ୍ରତିଶତ ଖାଲିଯାଗା ଛାଡ଼ିବାକୁ ବ୍ୟବସ୍ଥା ରହିଛି ଏବଂ ୧୮ ମିଟରରୁ ଅଧିକ ଉଚ୍ଚତାବିଶିଷ୍ଟ କୋଠାଘର ନିର୍ମାଣ ପାଇଁ ୪୦ ପ୍ରତିଶତ ଖାଲିଜାଗା ଛାଡ଼ିବାକୁ ବାଧ୍ୟତାମୂଳକ କରାଯାଇଛି। ଏହାଛଡ଼ା ବର୍ତ୍ତମାନ ବିପଦ ଆଶଙ୍କା ଏବଂ ପ୍ଲଟ୍ ସାଇଜ୍‌କୁ ଭିତ୍ତିକରି ସେଟ୍‌ବ୍ୟାକ୍‌କୁ ସରଳ କରାଯାଇଛି। ଏକ ହଜାର ବର୍ଗମିଟର ଆସେମ୍ବ୍ଲି ଏରିଆବିଶିଷ୍ଟ କୋଠାଘର ପାଇଁ ସ୍ଥଳବିଶେଷରେ ସାମ୍ନାରେ ୬ ମିଟର ଖାଲି ସ୍ଥାନ ବ୍ୟବସ୍ଥା କରାଯାଇଛି। ଏତଦ୍‌ଭିନ୍ନ ରାସ୍ତା ଅବରୋଧ ହ୍ରାସ କରିବା ପାଇଁ ଆବଶ୍ୟକୀୟ ପାର୍କିଂ ସ୍ପେସ୍‌ର ବ୍ୟବସ୍ଥା ହୋଇଛି। ଏଣିକି କୋଠାବାଡ଼ି ପାଇଁ ପାର୍କିଂ ସ୍ପେସ୍ ବ୍ୟବସ୍ଥା ରଖିବା ସହିତ ଗୋଦାମ ଗୃହ ପାଇଁ ପାର୍କିଂ ସ୍ପେସ୍ ୨୦ ପ୍ରତିଶତ କରାଯାଇଛି। ପୂର୍ବ ବ୍ୟବସ୍ଥା ଅନୁସାରେ ସପିଂମଲ୍-ମଲ୍ଟିପ୍ଲେକ୍ସ ପାଇଁ ୫୦ ପ୍ରତିଶତ, ବ୍ୟାବସାୟିକ କୋଠାବାଡ଼ି ପାଇଁ ୪୦ ପ୍ରତିଶତ ଏବଂ ବାସଗୃହ ପାଇଁ ଉଦ୍ଦିଷ୍ଟ କୋଠାବାଡ଼ି କ୍ଷେତ୍ରରେ ୩୦ ପ୍ରତିଶତ ପାର୍କିଂସ୍ପେସ୍‌ର ବ୍ୟବସ୍ଥା ରହିଥିଲା। ସରକାରୀ ଅଣ ସରକାରୀ ଭାଗିଦାରୀ ଭିତ୍ତିରେ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ତଥା ନିମ୍ନଆୟକାରୀ ବର୍ଗ ପରିବାର ପାଇଁ କାର୍ଯ୍ୟକାରୀ ହେଉଥିବା ଗୃହନିର୍ମାଣ ପ୍ରକଳ୍ପମାନଙ୍କରେ ବର୍ତ୍ତମାନ ଅଣସରକାରୀ ଅଂଶୀଦାରଙ୍କୁ ପ୍ରକଳ୍ପାଧୀନ ୪୦% ଜମି ଉପରେ ସୁଲଭ ଗୃହ ନିର୍ମାଣ ପାଇଁ ୬୦% ସରକାରୀ ଜମି ମାଗଣାରେ ମିଳିବ। ଏହାପୂର୍ବରୁ ଏହାର ଅନୁପାତ ୬୫:୩୫ ଥିଲା। ବର୍ତ୍ତମାନ ତାହା ୪୦:୬୦ କରାଯାଇଛି। ଏହା ସମଗ୍ର ଭାରତ ବର୍ଷରେ ପ୍ରଥମ ଓ ସର୍ବାଧିକ। ଏହି ନିୟମ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଯଥେଷ୍ଟ ଅଭିବୃଦ୍ଧି ଆଣିବ ବୋଲି ଆଶା କରାଯାଉଛି।

### ଦୁଇ ବନ୍ଧୁଙ୍କୁ ...

କୋର୍ଟରେ ହାଜର କରାଯାଇଥିଲା। ତେଣୁ ପୁନର୍ବାର ମୁଦାଲାମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଆତ୍ମପ୍ରକାଶ ମହାନ୍ତି, ଅଶୋକ କୁମାର ପାତ୍ର ଓ ଶୀଳଭଦ୍ର ଶାସ୍ତ୍ରୀ ପ୍ରମୁଖ ଜାମିନ୍ ଆବେଦନ କରି କୋର୍ଟଙ୍କୁ ଦର୍ଶାଇଥିଲେ ଯେ, ମୁଦାଲାମାନେ କୌଣସି ବେଆଇନ କାର୍ଯ୍ୟ କରିନାହାନ୍ତି। ଏହା କେବଳ ସାଧାରଣ ବନ୍ଧୁମାନଙ୍କ ଭିତରେ ଉଦ୍ଦେଶ୍ୟହୀନ ବାର୍ତ୍ତାଳାପ ଏବଂ ଏଥିରେ କୌଣସି ଉଦ୍ଦେଶ୍ୟମୂଳକ କାର୍ଯ୍ୟ କରିନାହାନ୍ତି। ତେଣୁ ମୁଦାଲାମାନଙ୍କର କୌଣସି ଗଣମାଧ୍ୟମ ସହ ସମ୍ପର୍କ ନାହିଁ କିମ୍ବା ସେମାନେ ଜାଣିଶୁଣି କୌଣସି ଭୁଲ କାର୍ଯ୍ୟ କରିନାହାନ୍ତି ଏବଂ ଦଫା ଗୁଡିକ ସେମାନଙ୍କ ବିରୁଦ୍ଧରେ ଆଦୌ ପ୍ରଯୁଜ୍ୟ ନୁହେଁ। ବିଏମ୍‌ସି ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବରେ ଏହି ଦୁଇଜଣଙ୍କୁ ଗିରଫ କରିଥିଲା। ତେଣୁ ଜାମିନ ଦେବାରେ କୌଣସି ଅସୁବିଧା ନାହିଁ। ଶୁଣାଣି ପରେ ମାନ୍ୟବର ଅଦାଲତ ଉଭୟେ ୧୦ ହଜାର ଟଙ୍କା ମୁଚାଲିକା ଓ ଜଣେ ଜାମିନ୍‌ଦାରଙ୍କ ବଳରେ ଜାମିନ୍ ଦେବା ସହ କିଛି ସର୍ତ୍ତରେ ଦୁଇ ବନ୍ଧୁଙ୍କୁ ଛାଡିଥିଲେ।

### ସମସ୍ୟା ବଢ଼ାଉଛି ...

କାର୍ଯ୍ୟକ୍ଷମ ହେଲେ ଦୋବଲ, ମୁସ୍ତଫାପୁର, ଖଡ଼ିପଦା, ଦେହୁଡ଼ିଆନନ୍ଦପୁର, କରଦା, ସୋହଡ଼ା ପଞ୍ଚାୟତ ସମେତ ଅର୍ଜ୍ଜୁନ୍‌ପୁର ଓ ପଧାନି ପଞ୍ଚାୟତର ମଧ୍ୟ କିଛି ଉପଭୋକ୍ତା ବିଜୁଳି କାଟ୍‌ରୁ ଉପକୃତ ହୋଇପାରିବେ। ଧାମନଗର ବିଦ୍ୟୁତ୍ ବିଭାଗର ବିଚିତ୍ର ନିତି ଦେଖିବାକୁ ମିଳିଛି। ଯଦି ଗଛର ପତ୍ର ହଲିଲା କିମ୍ବା ଆକାଶରେ ମେଘ ଦେଖାଗଲା ଧାମନଗର ଅଂଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ତାହା ପୁଣି ଅପରାହ୍ନରେ ହେଲେ ରାତି ସାରା ବିଦ୍ୟୁତ୍ କାଟ କରାଯାଉଛି। ସାମାନ୍ୟ ବର୍ଷା ପବନରେ ବିଦ୍ୟୁତ୍ କାଟ୍ ହେଉଥିବାରୁ ଉପଭୋକ୍ତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିଭଳି ବର୍ଷବର୍ଷ ଧରି ଉପଭୋକ୍ତା ମାନେ ବିଦ୍ୟୁତ୍ ବିଭାଗର ମନମାନି ସହି ରହିଛନ୍ତି। ବିଦ୍ୟୁତ୍ ସେବା କିଭଳି ଠିକ୍ ଭାବେ ମିଳିବ ସେଥିପାଇଁ ତତ୍‌କାଳୀନ ବିଧାୟକ ଖଡ଼ିପଦାରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ହେଲେ ଏହା କାର୍ଯକ୍ଷମରେ ଅହେତୁକ ବିଳମ୍ବ ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ ନକଲେ ସ୍ଥାନୀୟ ଲୋକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନି ଦେଇଥିବା ଶୁଣିବାକୁ ମିଳୁଛି।

# ଓଡ଼ିଶା ବାହାରେ ହେବ ଓଜେଇଇ କେନ୍ଦ୍ର

**ଭୁବନେଶ୍ୱର :** ଚଳିତବର୍ଷ ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରଥମଥର ପାଇଁ ଓଡ଼ିଶା ବାହାରେ ଓଜେଇଇ କେନ୍ଦ୍ରର ବ୍ୟବସ୍ଥା କରାଯିବ। ତେବେ ସେଗୁଡ଼ିକ ହେଉଛି, ରାଞ୍ଚି, ପାଟନା ଏବଂ କୋଲକାତା। ସେହିପରି ରାଜ୍ୟରେ ପୁଣି କିଛି ନୂଆ ସହରରେ ଅଧିକ ପରୀକ୍ଷା କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହି ସବୁ ସହର ମଧ୍ୟରେ ରହିଛି ବଲାଙ୍ଗିର, ପାରଳାଖେମୁଣ୍ଡି, ଜଗତସିଂହପୁର, ଯାଜପୁର, ନୟାଗଡ଼ ଏବଂ ଫୁଲବାଣୀ। ତେବେ ଆବେଦନକାରୀମାନେ ଆବଶ୍ୟକସ୍ଥଳେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ପରୀକ୍ଷାକେନ୍ଦ୍ର ପରିବର୍ତ୍ତନ କରିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ୨୦୨୦-୨୧ ଲାଗି ସେପ୍ଟେମ୍ବର ୯ରୁ ୧୫ ତାରିଖ ମଧ୍ୟରେ ଓଜେଇଇ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ କମ୍ପ୍ୟୁଟର ଆଧାରରେ ହେବ ପରୀକ୍ଷା। ଓଜେଇ ପରୀକ୍ଷା ପାଇଁ ୧୬ ଜିଲ୍ଲାର ପଲିଟେକ୍‌ନିକ ଓ ଆଇଟିଆଇ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛି ବୈଷୟିକ ଓ ତାଲିମ ନିର୍ଦ୍ଦେଶାଳୟ। ତେବେ ଖୁର୍ଦ୍ଧାଶୀଘ୍ର ପରୀକ୍ଷା କେନ୍ଦ୍ର ଚୟନ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ଲେଖାଯାଇଛି। ପ୍ରକାଶଥାଉ କି, ଚଳିତବର୍ଷ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ପକ୍ଷରୁ ପୂର୍ବରୁ ମଧ୍ୟ ରାଜ୍ୟରେ ନୂଆ ୫ଟି ସହରକୁ ସାମିଲ କରାଯାଇଥିଲା। ସେଗୁଡ଼ିକ ଥିଲା ଅନୁଗୁଳ, ବାରିପଦା, ବରଗଡ଼, ଜୟପୁର ଏବଂ କେନ୍ଦୁଝର। ପୂର୍ବରୁ ମୋଟ ୧୫ଟି ସହରରେ ଛାତ୍ରଛାତ୍ରୀମାନେ ଓଜେଇଇ ପାଇଁ ପରୀକ୍ଷାକେନ୍ଦ୍ର ଚୟନ୍ କରିପାରିବେ ବୋଲି ବ୍ୟବସ୍ଥା ହୋଇଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟାରେ ବୃଦ୍ଧି ଘଟିଛି। ତେବେ ବି.ଫାର୍ମା, ଏମ୍‌ବିଏ, ଏମ୍‌ସିଏ, ଏମ୍.ଟେକ୍, ଏମ୍. ଆର୍କିଟେକ୍, ଏମ୍.ପ୍ଲାନ୍, ଏମ୍.ଫାର୍ମା, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲେଟେରାଲ ଏଣ୍ଟ୍ରି-ଫାର୍ମା ଏବଂ ବିଟେକ୍ ପାଠ୍ୟକ୍ରମରେ ନାମଲେଖା ଲାଗି ଓଜେଇଇ ମାଧ୍ୟମରେ ପିଲାଙ୍କ ର୍‍ୟାଙ୍କ୍ ଅନୁଯାୟୀ ମନୋନୀତ କରାଯିବ।

# କଞ୍ଚାମାଲ ଅଭାବ, ବନ୍ଦ ହେବ ପ୍ଲାଣ୍ଟ !

**ଭୁବନେଶ୍ୱର :** ରାଜ୍ୟରେ ବେନିଫିସିଏସନ୍ ଏବଂ ପେଲେଟ ଶିଳ୍ପ ଏକ ସଂକାକୂଳ ଅବସ୍ଥା ମଧ୍ୟରେ ଗତି କରୁଛି। ଇସ୍ପାତ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଚାହିଦା ମୂତାବକ ଉତ୍ପାଦନ ହୋଇପାରୁନାହିଁ। ଯାହା ଫଳରେ ରାଜ୍ୟର ପେଲେଟ ଉତ୍ପାଦନକାରୀ ସଂସ୍ଥାଗୁଡ଼ିକ ସ୍ଥାଣୁ ଅବସ୍ଥାକୁ ଆସିଯାଇଛି। ଏହି ଶିଳ୍ପ ଜଗତର ପୁନଃଉତ୍ଥାନ ପାଇଁ ପେଲେଟ୍ ମାନୁଫାକ୍‌ଚର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ପିଏମ୍‌ଏଆଇ) ଓଡ଼ିଶା ସରକାରଙ୍କର ଇସ୍ପାତ ଓ ଖଣି ବିଭାଗକୁ ସବିଶେଷ ତଥ୍ୟ ଏକ ଚିଠି ମାଧ୍ୟମରେ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେବାକୁ ଯାଇ ପିଏମ୍‌ଏଆଇର ସର୍ବଭାରତୀୟ ଉପସଭାପତି ତଥା ଆର୍‌ଡେଣ୍ଟ ଷ୍ଟିଲ୍‌ର ନିର୍ଦ୍ଦେଶକ ଡ. ଶୁଭାଶିଷ ଦାସ ପ୍ରକାଶ କରିଛନ୍ତି ଯେ ରାଜ୍ୟରେ ଥିବା ଖଣିଗୁଡ଼ିକ କାର୍ଯ୍ୟଶୀଳ ହୋଇଥିଲେ ମଧ୍ୟ ବଜାରରେ ଇସ୍ପାତ ଭିତ୍ତିକ କଞ୍ଚାମାଲ ଚାହିଦା ମୂତାବକ ବଜାରରେ ଉପଲବ୍ଧ ହୋଇପାରୁନାହିଁ। ଯାହା ଫଳରେ ଗତ ୪ବର୍ଷ ଧରି ଦେବାଳିଆ ଅବସ୍ଥାରେ ଥିବା ଇସ୍ପାତଶିଳ୍ପ ବନ୍ଦ ହେବା ଆବସ୍ଥାକୁ ଆସିଯାଇଛି। ଗତ ଜୁଲାଇ ମାସରେ ପ୍ରାୟ ୬ ମିଲିୟନ୍ ଟନ୍ କଞ୍ଚାମାଲ ଉପଲବ୍ଧ ହେବା ସ୍ଥଳେ ମାତ୍ର ୩୩ ହଜାର ମେଟ୍ରିକ୍ ଟନ୍‌ର କଞ୍ଚାମାଲ ପେଲେଟ ଶିଳ୍ପକୁ ଯୋଗାଇ ଦିଆଯାଇଛି। ପୁରୁଣା ଲିଜ୍‌ଧାରୀ ଖଣିଗୁଡ଼ିକ ଆସନ୍ତା ସେପ୍ଟେମ୍ବର ମାସ ପରେ ଆଉ କଞ୍ଚାମାଲ ଯୋଗାଇ ପାରିବେ ନାହିଁ। ଚଳିତ ବର୍ଷ ମାର୍ଚ୍ଚ ମାସ ପରେ ନିଲାମ ହୋଇଥିବା ଖଣିଗୁଡ଼ିକ ଏପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରିନାହାନ୍ତି। ଚାହିଦା ଓ ଯୋଗାଣର ସମାନତା ନ ରହିବାରୁ ଅଣନିଲାମି ଖଣି କମ୍ପାନୀଗୁଡ଼ିକ ବିଗତ ୧୫ଦିନ ମଧ୍ୟରେ କଞ୍ଚାମାଲର ମୂଲ୍ୟରେ ପ୍ରାୟ ୩୫ ପ୍ରତିଶତ ବୃଦ୍ଧି ଘଟାଇ ସାରିଲେଣି ଯାହାକି ପେଲେଟ ଶିଳ୍ପ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ବୋଲି ସେ କହିଛନ୍ତି। ଏହାର ପ୍ରତିକାର ସ୍ୱରୂପ ପିଏମ୍‌ଏଆଇ ରାଜ୍ୟ ସରକାରଙ୍କ ସହାୟତା ଲୋଡ଼ିଛନ୍ତି।

# ଶକ୍ତି ବିଭାଗର ୫-ଟି ଓ ମୋ ସରକାର କାର୍ଯ୍ୟାରମ୍ଭ

**ଭୁବନେଶ୍ୱର :** ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶକ୍ତି ବିଭାଗରେ ୫-ଟି ଓ ମୋ ସରକାର କାର୍ଯ୍ୟକାରୀ ନେଇ ହୋଇଥିବା ଅଗ୍ରଗତିର ସମୀକ୍ଷା ଭିଡ଼ିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ବିଜୁଳି ସଂଯୋଗ ନାମରେ କରାଯାଇଥିବା ଓ୍ୱେବ୍ ପୋର୍ଟାଲର ବିଜୁଳି ସଂଯୋଗ, ବିଲ ପଇଠ, ଅଭିଯୋଗର ସାମାଧାନ ଭଳି କାର୍ଯ୍ୟ କରିବାରେ ସହାୟକ ହେବ। ଫଳରେ ଉପଭୋକ୍ତାଙ୍କୁ ଆଉ ବିଜୁଳି କର୍ମଚାରୀଙ୍କ ନିକଟକୁ ଯିବାକୁ ପଡ଼ିବ ନାହିଁ। ତାଛଡ଼ା ନଥିପତ୍ର କାମ ହ୍ରାସ ହେବା ସହ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆସିବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇପାରିବ। ଏହା ରାଜ୍ୟବାସୀଙ୍କୁ ବିଜୁଳି ସେବା ଯୋଗାଇବାରେ ଦକ୍ଷତାର ସହ ସମୟ ନିର୍ଘଣ୍ଟ ପ୍ରକାରେ ସେବା ଦେଇ ପାରିବ। ଏଣିକି ଘରୋଇ, ନିର୍ଦ୍ଧାରିତ ସାଧାରଣ ବ୍ୟବହାର, ଜଳସେଚନ, ଚାଷ ପାଇଁ ପମ୍ପ ଚଳାଇବା ଆଦି କାର୍ଯ୍ୟ ନିମନ୍ତେ ୫ କିଲୋୱାଟ ମଧ୍ୟରେ ଆବଶ୍ୟକ ବିଜୁଳି ସଂଯୋଗ ୪୮ ଘଣ୍ଟା ମଧ୍ୟରେ ପାଇ ପାରିବେ। ଲୋକେ ତାଙ୍କର ବିଦ୍ୟୁତ ଦେୟ ଅନ୍‌ଲାଇନରେ ପୈଠ କରିପାରିବେ ଏବଂ ରିହାତି ମଧ୍ୟ ପାଇପାରିବେ। ତା'ଛଡ଼ା ଯେ କୌଣସି ବିଦ୍ୟୁତ ସେବା ଜନିତ ଅଭିଯୋଗ କରି ତାର ତ୍ୱରିତ ସମାଧାନ କରାଯାଇ ପାରିବ। ଏହି ସମୀକ୍ଷା ବୈଠକରେ ବିଦ୍ୟୁତ ବଣ୍ଟନ କମ୍ପାନୀଗୁଡ଼ିକ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଏମ୍‌ବିସି କାର୍ଯ୍ୟ ପାଇଁ ଗୋଟିଏ ପ୍ରକାର ପାରିଶ୍ରମିକ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ)ଙ୍କ ଅଧୀନରେ କରାଯାଇଥିବା ଲାଇସେନ୍ସ ପ୍ରଦାନ ପାଇଁ ବିଦ୍ୟୁତ ସୁରକ୍ଷା ଯନ୍ତ୍ରୀ ଏବଂ ମାନକ ପରୀକ୍ଷାଗାରକୁ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହାକୁ ଆରମ୍ଭ କରିବା ନିମନ୍ତେ ଜାତୀୟ ସୂଚନା କେନ୍ଦ୍ର ସହ ଯୋଗାଯୋଗ କରିବାକୁ କୁହାଯାଇଛି। ତା' ଛଡ଼ା ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ)ଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ, ମୁଖ୍ୟ ନିର୍ବାହୀ ଅଧିକାରୀ, ଟାଟା ପାୱାର କେନ୍ଦ୍ରୀୟ ବିତରଣ ଲିମିଟେଡ଼, ପ୍ରଶାସନିକ କାର୍ଯ୍ୟାଳୟ ନେସ୍‌କୋ/ୱେସ୍‌କୋ/ସାଉଥ୍‌କୋ ଆଦି କାର୍ଯ୍ୟାଳୟ ଏଣିକି ମୋ ସରକାର ଅଧୀନରେ ଉପଭୋକ୍ତା ଓ କାର୍ଯ୍ୟାଳୟକୁ ଆସୁଥିବା ଯେ କୌଣସି ଲୋକ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ। ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ସାଧାରଣ ଜନତା ହିଁ ଗଣତନ୍ତ୍ର ରାଷ୍ଟ୍ରରେ ହର୍ତ୍ତାକର୍ତ୍ତା, ତେଣୁ ସେମାନଙ୍କୁ ଉତ୍ତମ ବ୍ୟବହାର କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ମୋ ସରକାରକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ତାଗିଦ୍ କରିଥିଲେ ।

# ବର୍ଷାରେ ଭାଙ୍ଗିଲା ଘର

**ଡାବୁଗାଁ :** ୩ ଦିନ ହେଲା ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡା ପଞ୍ଚାୟତର ଡଙ୍ଗରିଗୁଡା ଗ୍ରାମର ପୂର୍ଣ୍ଣ ପନକାଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସୂଚନାଯୋଗ୍ୟ, ଗତ ୩ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଡଙ୍ଗରିଗୁଡା ଗ୍ରାମର ପୂର୍ଣ୍ଣ ପନାକା ଓ ତାଙ୍କ ପରିବାର ଏହି ଘରେ ରହୁଥିଲେ। ଶନିବାର ସକାଳେ ପୂର୍ଣ୍ଣଙ୍କ ପୁଅ ୨ଜଣ ଓ ୧ଜଣ ନାତୁଣୀ ଘର ଭିତରେ ଥିବା ସମୟରେ ଘରଟି ହଠାତ୍ ଭାଙ୍ଗି ପଡିଥିଲା। ଘର ବାହାରେ ପୂର୍ଣ୍ଣ ଓ ତାଙ୍କ ସ୍ତ୍ରୀଙ୍କ ସହ ୨ ଝିଅ, ୧ ପୁଆ ରହିଥିଲେ। ପରେ ଭଙ୍ଗା ଘଣ ଭିତରେ ଥିବା ୨ଜଣ ପୁଅ ଓ ଜଣେ ନାତୁଣୀଙ୍କୁ ଉଦ୍ଧାର କରିଥିଲେ। ଯାହାଦ୍ୱାରା ୩ଜଣ ଅଳ୍ପକେ ମୃତ୍ୟୁ



ମୁହଁରୁ ବଞ୍ଚିଯାଇଥିଲେ। ପୂର୍ଣ୍ଣ ଜମିବାଡି ଯାହା ଅଛି ବର୍ଷ ସାରା ପରିବାର ଚଳାଇବା କଷ୍ଟକର। କୁଲି ମଜୁରି କରି ପରିବାର ଚଳାଉଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ପଡିବା ହେତୁ ପୂର୍ଣ୍ଣ ବହୁତ ଚିନ୍ତାରେ ପଡିଛି। ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଏକ ପକ୍କାଘର ଓ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସ୍ୱଭାବ କବି ଗଙ୍ଗାଧର ମେହେର




**ଅକ୍ଷୟ କୁମାର ରାଉତ**

ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ। କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ। କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି , ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ। କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି। ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ। କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ। ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ। ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା। ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ। ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ ।

ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା। ସେ ସାତ ବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ। କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଂଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ । ଦାରିଦ୍ରର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା। ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ।

ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ। ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତଥିଲା। ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ। ବ୍ରାଂଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ। ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ। ପାଠ ପଢା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ।

ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ ଜୀବନ ଆରମ୍ଭ ହେଲା। ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା। ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ। ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ। ଠିକ୍ ଏତିକି ବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା। ଗଙ୍ଗାଧରଙ୍କ ଦାରିଦ୍ର , ବେଢି ଉପରେ ନଳିତା ବିଡାପରି ହୋଇଉଠିଲା। ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ।




୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ। ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ୍ୟ ବୁଝୁଥିଲେ। ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ। ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ। ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ। ଏହି ପଦ୍ମପୁରରୁ ଚାକିରୀରୁ ଅବସର ଗ୍ରହଣ କରିଥିଲେ।

ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗଦେଇଥିଲେ। କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ। କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ। ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ। ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ।

ଫକୀର ମୋହନ ସେନାପତି, ରାଧାନାଥ ରାୟ,ମଧୁସୁଦନ ରାଓ,ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା। ୧୪.୦୭.୧୮୯୭ ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ। ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ। ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ।

ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ। ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ। ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେବି , ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ। ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ। ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ। ସେଠାରେ ସେ ଜନ କଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ , ତାର ନାମ ଥିଲା 'ସାଧୁ ସମିତି' ।

ଗଙ୍ଗାଧରଙ୍କର ପାରିବାରିକ ଜୀବନଦୁଃଖପୂର୍ଣ୍ଣ ଥିଲା। ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ। ଦାରିଦ୍ର୍ୟର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇ ମଧ୍ୟ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ। ଅସାଧାରଣ ଧୈର୍ଯ୍ୟ,କର୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଛୁରିତ ହୋଇଥିଲା। ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ୍ୟ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ।



ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା। ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ। ସେ ପ୍ରଧାନତ କାବ୍ୟର କବି ଥିଲେ। କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱନୀ, ପ୍ରଣୟ ବଲ୍ଲରୀ,

ପଦ୍ମିନୀ, ରସ ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା,ତାକୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର,ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା,କୃଷକର ଆତ୍ମକଥା,ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି । ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି,କାଳ୍ପନିକତା,ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି।

ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ୱଲ୍ୟମାନ ହୋଇରହିବେ। କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ।
କିନ୍ତୁ ତୁମ୍ଭେ ଦିନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ ।?

*ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

## ଡାବୁଗାଁରେ ସ୍ୱାଧୀନତା ଦିବସ ପାଳିତ

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, ପୋଷ୍ଟ ଅଫିସ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ, ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଓ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟ ଗୁଡିକରେ ସରକାରଙ୍କ କୋଭିଡ୍-୧୯ ନିୟମ ପାଳନ କରି ସାମାଜିକ ଦୂରତା ରକ୍ଷା କରି ମୁହଁରେ ମାସ୍କ ବାନ୍ଧି ଶନିବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ ସାମ୍ବାଦିକ ସଂଘ ଓ ବ୍ଲକ କାର୍ଯ୍ୟାଳୟରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି



ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ବିଡିଓ ରଞ୍ଜିତାମେରୀ ନାୟକ, ତହସିଲଦାର ଉମେଶ କୁମାର ପୂଜାରୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସିଡିପିଓ ଯମୁନା ଭତ୍ରା, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ସାଂସଦ ପ୍ରତିନିଧି ଏମ୍.ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍ ବୁଲୁ ରାଓ, ସମସ୍ତ ଅଧିକାରୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଏହାପରେ ଜୟନ୍ତୀନଗର ସ୍ଥିତ ଶିଶୁ ଉଦ୍ୟାନରେ ଥିବା ଜାତିର ପିତା ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଶ୍ରୀକ୍ରୀଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ଦିବସ

**ଚନ୍ଦକା :** ଭୁବନେଶ୍ୱର ବ୍ଲକର ମଳିପଡା ସ୍ଥିତ ଶ୍ରୀ କ୍ରୀଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱାଧୀନତା ଦିବସ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୋଭିଡ୍ କଟକଣା ମାନି ନିଜ ନିଜ ଘରେ ଅନଲାଇନ ମାଧ୍ୟମରେଉତ୍ସବକୁ ଉପଭୋଗ କରି ଜାତୀୟ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ଡ. ସ୍ୱରୂପା ନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ପିଲାମାନଙ୍କୁ ଶୃଙ୍ଖଳିତ ହେବା ସହ ନିଜ ମନକୁ ସଂଯମ ରଖିବା ଓ ଗୁରୁଜନଙ୍କ ସେବା କରିବା, ତାଙ୍କୁ ସମ୍ମାନ ଦେବା ସହ ନିଜ ଭବିଷ୍ୟତ ପଥକୁ ନିର୍ଣ୍ଣୟ କରିବା ବିଷୟରେ ଉଦ୍‌ବୋଧନ ଦେଇଥିଲେ। କୋଭିଡ ପରିସ୍ଥିତିରେ ଆମ୍ଭେମାନେ କିପରି ଜୀବନ ଓ ଜୀବିକାକୁ ଏକ ସମାନ୍ତରାଳୟ ଭାବରେ ଆଗେଇ ନେବା ସେଥିପାଇଁ ମଧ୍ୟ ଆହ୍ମାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ମିଶ୍ର ପିଲାମାନଙ୍କର ଅନଲାଇନ୍‌ରେ ପାଠପଢ଼ା କିପରି ଶୃଙ୍ଖଳିତ ଏବଂ ନିରାପଦ ହୋଇପାରିବ ସେ ସମ୍ବନ୍ଧୀୟ ଆଲୋକପାତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ କବିତ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେପି ରାଜ୍ୟ କାର୍ଯ୍ୟାଳୟରେ ୭୪ତମ ସ୍ୱାଧୀନତା ଦିବସ ପାଳିତ

# 'ଯୁବପିଢି ରାଷ୍ଟ୍ରନିର୍ମାଣ ସହ ନୂତନ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବାର ସଂକଳ୍ପ ନିଅନ୍ତୁ'

**ଭୁବନେଶ୍ୱର :** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଏହି ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେପକାଇଥିଲେ । କରୋନା ସଙ୍କଟ ସମୟରେ ରାଜ୍ୟବାସୀ ନିଜର ଧୈର୍ଯ୍ୟ ପ୍ରଦର୍ଶନ କରିଥିବାରୁ ରାଜ୍ୟବାସୀଙ୍କୁ ଶ୍ରୀ ମହାନ୍ତି ସାଧୁବାଦ ଦେବା ସହ ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି । ଆମେ ୭୪ତମ ସ୍ୱାଧୀନତା ଦିବସ ପାଳନ କରୁଛୁ । ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା । ଭାରତକୁ ଏକ ବିକଶିତ ଦେଶ ଭାବେ ଗଢି ତୋଳିବାକୁ ହେଲେ ଭ୍ରଷ୍ଟାଚାର, ଆତଙ୍କବାଦ, ଦାରିଦ୍ର୍ୟ, ଜାତିବାଦ ଏବଂ ଆବର୍ଜନା ମୁକ୍ତ ଭାରତର ନିର୍ମାଣ ନିହାତି ଆବଶ୍ୟକ । ନବ ଭାରତ ଏବଂ ନୂତନ ଓଡିଶା ନିର୍ମାଣରେ ବିଶେଷ କରି ଯୁବକମାନଙ୍କ ଯୋଗଦାନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଦେଶର ସମସ୍ତ ଯୁବଶକ୍ତି ଏକତ୍ରୀତ ହୋଇ ରାଷ୍ଟ୍ର ନିର୍ମାଣ ସହ ନୂତନ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ ନିଅନ୍ତୁ ବୋଲି ରାଜ୍ୟ ଉପସଭାପତି ସମୀର ମହାନ୍ତି ସ୍ୱାଧୀନତା ଦିବସ ପାଳନ ଅବସରରେ ଉପସ୍ଥିତ କାର୍ଯ୍ୟକର୍ତାଙ୍କ ସମେତ ସମସ୍ତ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି । ବିଗତ ୬ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ମୂଳଦୁଆକୁ ସୁଦୃଢ କରିଛନ୍ତି । ଗରିବ କଲ୍ୟାଣ ଯୋଜନା ଏବଂ ଆତ୍ମନିର୍ଭର ଭାରତ ଯୋଜନାକୁ ପ୍ରଧାନମନ୍ତ୍ରୀ ଲାଗୁ କରିଛନ୍ତି । ଏହା ପୂର୍ବରୁ ଗୋଟିଏ ଦେଶ ଗୋଟିଏ ରାସନ ଓ ଆୟୁଷ୍ମାନ ଭାରତ ଯୋଜନାର ଲାଭ ଓଡିଶା ବ୍ୟତୀତ ଅନ୍ୟ ରାଜ୍ୟମାନେ ଉଠାଉଛନ୍ତି । ରାଜ୍ୟସରକାର ଏହି ଯୋଜନା ଗୁଡିକୁ ସଫଳ ଭାବେ ରାଜ୍ୟରେ ଲାଗୁ କରନ୍ତୁ । ଆଗାମୀ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କା ଘର ଓ ୨୦୨୪ ସୁଦ୍ଧା ସମସ୍ତଙ୍କ ଘରେ ପାଇପ ଯୋଗେ ପାଣି ପହଂଚାଇବାର କାର୍ଯ୍ୟ ମୋଦି ସରକାର କରୁଛନ୍ତି ଏବଂ ରାଜ୍ୟ ସରକାରଙ୍କ ସହଯୋଗ ରହିଲେ ରାଜ୍ୟବାସୀ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।



ପତାକା ଉତ୍ତୋଳନ ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ପରେ ସମସ୍ତ କାର୍ଯ୍ୟକର୍ତା ମିଠା ବାଂଟି ପରସ୍ପରକୁ ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଥିଲେ । ଜାତୀୟ ପତାକା ଉତୋଳନ ଅବସରରେ ବିଧାୟିକା କୁସୁମ ଟେଟେ, ଉପସଭାପତି ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ବରିଷ୍ଠ ନେତା ପ୍ରସନ୍ନ ପଟ୍ଟନାୟକ, ମହେଶ ମହାନ୍ତି, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବିରଂଚୀ ନାରାୟଣ ତ୍ରିପାଠୀ, ଉମାକାନ୍ତ ପଟ୍ଟନାୟକ, ଦିଲୀପ ମଲ୍ଲିକ, ଶାରଦା ଶତପଥୀ, ସୁରଥ ବିଶ୍ୱାଳ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# କ୍ରିକେଟର ସବୁ ଫର୍ମାଟରୁ ବିଦାୟ ନେଲେ ଧୋନି

**ନୂଆଦିଲ୍ଲୀ :** ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ଅର୍ନ୍ତଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି ମହେନ୍ଦ୍ର ସିଂହ ଧୋନି। ଆଜି ପରେ ଆଉ ଟିମ ଇଣ୍ଡିଆର ଜର୍ସିରେ ଧୋନିଙ୍କୁ ଦେଖିବାକୁ ମିଳିବନାହିଁ। ହଠାତ୍ ସ୍ୱାଧୀନତା ଦିବସରେ ଧୋନିଙ୍କ ସନ୍ନ୍ୟାସ ଘୋଷଣା ତାଙ୍କ କ୍ରିକେଟ୍ ପ୍ରଶଂସକଙ୍କୁ ସ୍ତବ୍ଧ କରିଦେଇଛି। ଏବେ ବି ଧୋନି ଅବସର ନେଇଛନ୍ତି ବୋଲି ବିଶ୍ୱାସ କରିପାରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧୋନି ତାଙ୍କ ପ୍ରଥମ ମ୍ୟାଚ୍‌ରେ ରନ୍ ଆଉଟ ହୋଇଥିଲେ। ନିଜର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବି ଧୋନି ରନ୍ ଆଉଟ୍ ହୋଇଥିଲେ। ସେହି ରନ୍ ଆଉଟ୍ ପରେ ଧୋନିଙ୍କ ଯୁଗର ଶେଷ ହୋଇଛି। ଭାରତକୁ ଦୁଇଟି ବିଶ୍ୱକପ୍ ଜିତାଇଥିବା କ୍ୟାପ୍ଟେନ୍ କୁଲ ଧୋନି ୨୦୧୯ ଡିସେମ୍ବର ୨୩ ତାରିଖରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୫ ବର୍ଷ ପୂରଣ କରିଥିଲେ। କୁହାଯାଉଥିଲା ସେ ୨୦୨୧ ଟି-୨୦ ବିଶ୍ୱକପ ଖେଳିବେ। ହେଲେ ସବୁ ସ୍ୱପ୍ନ ଅଧା ରହିଯାଇଛି। ବିଶ୍ୱ କ୍ରିକେଟ୍‌ରେ ଧୋନି ଏକମାତ୍ର ଅଧିନାୟକ ଯିଏ ଆଇସିସିର ତିନିଟ୍ ଯାକ ବଡ ଟ୍ରଫି ଉପରେ କବଜା କରିଛନ୍ତି। ଧୋନିଙ୍କ ନେତୃତ୍ୱରେ ଭାରତ ଆଇସିସି ଟି-୨୦ ବିଶ୍ୱକପ୍ (୨୦୦୭), କ୍ରିକେଟ୍ ବିଶ୍ୱକପ (୨୦୧୧) ଏବଂ ଆଇସିସି ଚାମ୍ପିଅନ୍ସ ଟ୍ରଫି (୨୦୧୩) ଜିତିଥିଲା। ଏହାବ୍ୟତୀତ ଭାରତ ୨୦୦୯ରେ ପ୍ରଥମଥର ଟେଷ୍ଟରେ ଧୋନିଙ୍କ ନେତୃତ୍ୱରେ ଏକ ନମ୍ବର ଟିମ୍ ହୋଇଲା। ସୂଚନାଥାଉ କି, ଅନ୍ତର୍ଜାତୀୟ କ୍ରିକେଟରେ ଅନ୍ୟ କ୍ରିକେଟରଙ୍କ ତୁଳନାରେ ଧୋନିଙ୍କ ବ୍ୟକ୍ତିତ୍ୱ ବେଶ ଭିନ୍ନ ରହିଥିଲା। ଜୁନିୟର କ୍ରିକେଟ୍‌ରେ ସେ ବିହାର କ୍ରିକେଟ୍ ଟିମ୍ ପାଇଁ ଖେଳୁଥିଲେ। ଏହାପରେ ଝାରଖଣ୍ଡ କ୍ରିକେଟ୍ ଟିମ୍‌ରୁ ଇଣ୍ଡିଆ-ଏ ଟିମ୍ ପର୍ଯ୍ୟନ୍ତ ଏବଂ ସେଠାରୁ ଭାରତୀୟ ଟିମ୍ ପର୍ଯ୍ୟାନ୍ତ ଆସିବା ପାଇଁ ତାଙ୍କୁ ୫ ରୁ ୬ ବର୍ଷ ଲାଗି ଯାଇଥିଲା। ସେ ୧୯୯୮ରେ ଜୁନିୟର କ୍ରିକେଟ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ ଓ ୨୩ ଡିସେମ୍ବର, ୨୦୦୪ରେ ବାଂଲାଦେଶ ବିପକ୍ଷ ଦିନିକିଆ ଖେଳି ନିଜର ଅନ୍ତର୍ଜାତୀୟ କ୍ୟାରିୟରର ଶୁଭାରମ୍ଭ କରିଥିଲେ। ଧୋନି ବାଂଲାଦେଶ ବିପକ୍ଷ ନିଜର ପ୍ରଥମ ସିରିଜରେ କିଛି କମାଲ କରିପାରିନଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ରନ୍ ଆଉଟ୍ ହୋଇଯାଇଥିଲେ। ସଂଯୋଗ ବଶତଃ ୨୦୧୯ ମସିହା ଧୋନି ତାଙ୍କ ଶେଷ ମ୍ୟାଚ୍‌ରେ ରନ୍ ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ ସେମିଫାଇନାଲରେ ଧୋନି ରନ୍‌ଆଉଟ୍ ହେବାରୁ ଭାରତ ଫାଇନାଲକୁ ପ୍ରବେଶ କରି ପାରି ନଥିଲା। ନିଜର ପ୍ରଥମ ସିରିଜ୍‌ରେ ଫେଲ ମାରିଥିବା ଧୋନି ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ସିରିଜ୍‌ରେ ନିଜର ପଞ୍ଚମ ମ୍ୟାଚ୍‌ରେ ବିଶାଖପାଟଣାରେ ୧୨୩ ବଲରେ ୧୪୮ ରନର ଇନିଂସ ଖେଳି ସମସ୍ତଙ୍କୁ ଜଳକା କରିଦେଇଥିଲେ। ସେତେବେଳେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ସେହି ଲମ୍ବା ଚୁଟି ଥିବା ବ୍ୟକ୍ତି (ଧୋନି) କିଏ? ଏହାପରେ ଧୋନି ଆଉ ପଛକୁ ନ ଚାହିଁ, ଆଗକୁ ମାଡି ଚାଲିଥିଲେ। ୨୦୦୭ରେ ଧୋନିଙ୍କୁ ଟି-୨୦ ଦଳର କ୍ୟାପଟେନ୍ ଭାବେ ନିଯୁକ୍ତି କରାଯାଇଥିଲା। ଆଉ ପ୍ରଥମ ଟି-୨୦ ବିଶ୍ୱକପ୍‌ରେ ସେ ଭାରତକୁ ଚାମ୍ପିଅନ୍ କରାଇନଥିଲେ। ୨୦୦୮ରେ ସେ ଯେତେବେଳେ ଦିନିକିଆ ଦଳର



ନେତୃତ୍ୱ ଭାର ସମ୍ଭାଳିଥିଲେ, ତାଙ୍କ ସାମ୍ନାରେ ଅନେକ ଚ୍ୟାଲେଞ୍ଜ ଥିଲା। ଯେପରିକି ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଓ ଭବିଷ୍ୟତ ପାଇଁ ଟିମ୍ ପ୍ରସ୍ତୁତ କରିବା ଭଳି ଗୁରୁଦାୟିତ୍ୱ ତାଙ୍କ କାନ୍ଧରେ ରହିଥିଲା। ଧୋନି ସେସବୁ ଚ୍ୟାଲେଞ୍ଜକୁ ସାମ୍ନା କରି ଭାରତୀୟ ଟିମ୍‌କୁ ଅନେକ ଐତିହାସିକ ସଫଳତା ଦେଇଛନ୍ତି। ଧୋନିଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ୨୦୦୯ରେ ଟେଷ୍ଟରେ ଏକ ନମ୍ବର ଟିମ୍‌ର ସ୍ୱାଦ ଚାଖିଥିଲା। ଡିସେମ୍ବର ୨୦୧୪ରେ ଧୋନି ଟେଷ୍ଟ କ୍ରିକେଟ୍‌ରୁ ଅଚାନକ ସନ୍ନ୍ୟାସ ଘୋଷଣା କରିଥିଲେ। ଧୋନି ୨୦୧୭ ଆରମ୍ଭରୁ ହିଁ ଦିନିକିଆ ଓ ଟି-୨୦ କ୍ୟାପଟେନ୍ ପଦକୁ ମଧ୍ୟ ସେହି ଷ୍ଟାଇଲରେ ଅଲବିଦା କରିଥିଲେ। ଆଜି ଅନ୍ତର୍ଜାତୀୟ କ୍ରିକେଟରୁ ବି ଧୋନି ଅଚାନକ ବାଏବାଏ କରିଛନ୍ତି। ୨୦୧୯ ବିଶ୍ୱକପରେ ଧୋନି ନିଜର ଧିମା ବ୍ୟାଟିଂ ପାଇଁ ଖୁବ୍ ସମାଲୋଚିତ ହୋଇଥିଲେ। ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ରନ୍ ଆଉଟ୍ ହୋଇଥିଲେ, ଯାହା ପରେ ଭାରତର ଆଶା ଧୂଳିସାତ୍ ହୋଇଯାଇଥିଲା। ଟିମ୍ ଇଣ୍ଡିଆ ବିଶ୍ୱକପ୍‌ରୁ ବାଦ୍ ପଡିବା ପରେ ଧୋନି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବ୍ରେକ୍ ନେଇଥିଲେ। ଏହା ମଧ୍ୟରେ ସେ ଟେରିଟୋରିଆଲ୍ ଆର୍ମି ୟୁନିଟ୍ ସହ କାଶ୍ମୀରରେ ୧୫ଦିନ ବିତାଇଥଲେ। ଧୋନି ବିଶ୍ୱକପ୍ ପରେ କୌଣସି ଅନ୍ତର୍ଜାତୀୟ କ୍ରିକେଟ୍ ସିରିଜ୍ ଖେଳିନାହାନ୍ତି। ଏଭଳି ଲାଗୁଥିଲା ଯେ ଧୋନି ୨୦୧୯ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଯିବେ, କିନ୍ତୁ ସେ ସମସ୍ତଙ୍କୁ ଏଯାଏ ଝୁଲାଇ ରଖିଥିଲେ।

**ଦିନିକିଆ କ୍ୟାରିୟର :** ଧୋନି ଭାରତ ପକ୍ଷଣୁ ୩୫୦ ମ୍ୟାଚ୍ ଖେଳି ୫୦.୫୭ ହାରରେ ୧୦,୭୭୩ ରନ୍ କରିଛନ୍ତି, ଯେଉଁଥିରେ ୧୦ ଶତକ ଓ ୭୩ ଅର୍ଦ୍ଧଶତକ ରହିଛି। ଏଥିରେ ତାଙ୍କର ସର୍ବୋଚ୍ଚ ସ୍କୋର ଅପରାଜିତ ୧୮୩। ଦିନିକିଆରେ ଧୋନିଙ୍କ ନାଁରେ ଗୋଟିଏ ଉ୍ୱିକେଟ୍ ମଧ୍ୟ ରହିଛି।

**ଟେଷ୍ଟ କ୍ୟାରିୟର :** ଧୋନି ଭାରତ ପକ୍ଷରୁ ୯୦ଟି ଟେଷ୍ଟ ମ୍ୟାଚ୍‌ରେ ୩୮.୦୯ ହାରରେ ୪୮୭୬ ରନ୍ କରିଛନ୍ତି, ଯେଉଁଥିରେ ୬ ଶତକ ଓ ୩୩ ଅର୍ଦ୍ଧଶତକ ସାମିଲ ଅଛି। ଟେଷ୍ଟରେ ତାଙ୍କର ସର୍ବାଧିକ ସ୍କୋର ୨୨୪ ରନ୍ ରହିଛି।

**ଟି-୨୦ କ୍ୟାରିୟର :** ଧୋନି ୯୮ଟି ଟି-୨୦ ମ୍ୟାଚ୍‌ରେ ୩୭.୬୦ ହାରରେ ୧୬୧୭ ରନ୍ କରିଛନ୍ତି, ଯେଉଁଥିରେ ୨ଟି ଅର୍ଦ୍ଧଶତକ ସାମିଲ ଅଛି। ଟି-୨୦ରେ ଧୋନିଙ୍କ ସର୍ବୋଚ୍ଚ ସ୍କୋର ୫୬ ରନ୍ ରହିଛି।

## ରାଇନା ନେଲେ ଅବସର



**ମୁମ୍ବାଇ :** ମହେନ୍ଦ୍ର ସିଂହ ଧୋନିଙ୍କ ପଛେ ପଛେ ଅନ୍ତର୍ଜାତୀୟ କ୍ରିକେଟରୁ ସୁରେଶ ରାଇନ ମଧ୍ୟ ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟକୁ ରାଇନା ଅବସର ଘୋଷଣା କରିଥିଲେ ହେଁ ପୂର୍ବଭଳି ଆଇପିଏଲ୍ ଖେଳିବେ। ଖରାପ ଫର୍ମ ପାଇଁ ରାଇନା ଦୀର୍ଘ ଦିନରୁ ବାଦ ପଡିଥିଲେ। ଏବେ ସେ ବିଧିବଦ୍ଧ ଭାବେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି। ଧୋନିଙ୍କ ଭଳି ରାଇନା ମଧ୍ୟ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଜରିଆରେ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି, ମାହିଙ୍କ ସହ ଖେଳିବା ମୋ ପାଇଁ ଗର୍ବର ବିଷୟ ଥିଲା। ଧୋନିଙ୍କ ଯାତ୍ରାରେ ମୁଁ ବି ସାମିଲ ହେଉଛି। ଧନ୍ୟବାଦ ଭାରତ। ଜୟ ହିନ୍ଦ। ୩୩ ବର୍ଷୀୟ ରାଇନା ୨୦୦୫ ଜୁଲାଇ ୩୦ରେ ପ୍ରଥମର ପାଇଁ ଭାରତ ପାଇଁ ଡେବ୍ୟୁ କରିଥିଲେ। ଶ୍ରୀଲଙ୍କା ବିପକ୍ଷରେ ରାଇନା ଡେବ୍ୟୁ କରିବା ପରେ ଆଉ ପଛକୁ ଫେରି ଚାହିଁ ନଥିଲେ। ୨୦୧୮ ଜୁଲାଇ ୧୭ ଇଂଲଣ୍ଡ ବିପକ୍ଷର ରାଇନା ଶେଷଥର ପାଇଁ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୦ ଜୁଲାଇ ୨୬ରେ ରାଇନା ଟେଷ୍ଟରେ ଡେବ୍ୟୁ କରିଥିଲେ। ଏହା ମଧ୍ୟ ଶ୍ରୀଲଙ୍କା ବିପକ୍ଷରେ ରହିଥିଲା। ୨୦୦୬ ଡିସେମ୍ବର ୧ରେ ରାଇନା ଭାରତ ପାଇଁ ପ୍ରଥମଥର ଟି-୨୦ ମ୍ୟାଚ୍ ଖେଳିଥିଲେ।

### କରୋନା ରୋଗୀଙ୍କ ଦୈନିକ ଚିକିତ୍ସା ଖର୍ଚ୍ଚ

# ସର୍ବାଧିକ ୧୮ ହଜାର

**ଭୁବନେଶ୍ୱର :** ଘରୋଇ କୋଭିଡ୍ ହସ୍ପିଟାଲରେ ଦୈନିକ ରୋଗୀଙ୍କ ପାଇଁ କେତେ ଖର୍ଚ୍ଚ ହେଉଛି ସେସବୁର ହିସାବ ଦେଇଛନ୍ତି ରାଜ୍ୟ ସରକାର। ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଓ ତିନୋଟି ମହାନଗର ନିଗମ କମିଶନରଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ତାଲିକା ପ୍ରଦାନ କରାଯାଇଛି। ଏହି ତାଲିକା ଅନୁଯାୟୀ ଘରୋଇ ହସ୍ପିଟାଲକୁ ସରକାର ଅର୍ଥ ପ୍ରଦାନ କରିବେ। ସାଧାରଣ ବେଡ୍‌ରେ ଚିକିତ୍ସା ପାଉଥିବା ରୋଗୀଙ୍କ ପାଇଁ ୧୨ଶହରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଖାଦ୍ୟ, ଔଷଧ, ସାନିଟାଇଜର, ବିଭିନ୍ନ ଡାକ୍ତରୀ ପରୀକ୍ଷା, ପିପିଇ କିଟ୍ ଆଦି ବାବଦରେ ୧୭୫୦ ଟଙ୍କା ଖର୍ଚ୍ଚ କରାଯିବ। ସେ ମଧ୍ୟରେ ଲଣ୍ଡ୍ରି ପାଇଁ ୨୦୦ ଟଙ୍କା, ସାନିଟାଇଜର ପାଇଁ ୬୦ ଟଙ୍କା, ଖାଦ୍ୟ ପାଇଁ ୨୪୦ ଟଙ୍କା, ଔଷଧ ବାବଦରେ ୩୦୦ ଟଙ୍କା, ପିପିଇ କିଟ୍ ପାଇଁ ୫୦୦ ଟଙ୍କା, ପରୀକ୍ଷଣ ପାଇଁ ୨୦୦ ଟଙ୍କା ଓ ଅନ୍ୟାନ୍ୟ କନଜ୍ୟୁମେବୁଲ ପାଇଁ ୨୫୦ ଟଙ୍କା ଖର୍ଚ୍ଚ



ହେବ। ଆଇସିୟୁରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ପାଇଁ ବେଡ ପିଛା ୨ ହଜାରରୁ ୫ ହଜାର ଟଙ୍କା ଖର୍ଚ୍ଚ ହେବ। ଏହାସହିତ ଆଇସିୟୁ ରୋଗୀଙ୍କ ଖାଦ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୨ ହଜାର ଟଙ୍କା ଖର୍ଚ୍ଚ ହେବ। ସେ ମଧ୍ୟରେ ରହିଚି ଲଣ୍ଡ୍ରି ପାଇଁ ୨୦୦ ଟଙ୍କା, ସାନିଟାଇଜର ପାଇଁ ୬୦ ଟଙ୍କା ଖାଦ୍ୟ ପାଇଁ ୨୪୦ ଟଙ୍କା, ଔଷଧ ପାଇଁ ୭ ହଜାର ଟଙ୍କା, ପିପିଇ ପାଇଁ ୧୫ ଶହ ଟଙ୍କା ଓ ଅନ୍ୟାନ୍ୟ କନଜ୍ୟୁମେବୁଲ ପାଇଁ ହଜାରେ ଟଙ୍କା ଖର୍ଚ୍ଚ ହେବ। ଆଇସିୟୁରେ ଭେଣ୍ଟିଲେଟର ସହ ରହୁଥିବା ରୋଗୀଙ୍କ କ୍ଷେତ୍ରରେ ବେଡ ପିଛା ୨ ହଜାରରୁ ୫ ହଜାର ଟଙ୍କା ପ୍ରଦାନ କରାଯିବ। ଖାଦ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ୧୩ ହଜାର ଟଙ୍କା ପ୍ରଦାନ କରାଯିବ। ସେ ମଧ୍ୟରେ ରହିଛି ଲଣ୍ଡ୍ରି ପାଇଁ ୨୦୦ ଟଙ୍କା, ସାନିଟାଇଜର ପାଇଁ ୬୦ ଟଙ୍କା, ଖାଦ୍ୟ ପାଇଁ ୨୪୦ ଟଙ୍କା, ଔଷଧ ପାଇଁ ୭ ହଜାର ଟଙ୍କା, ପିପିଇ ପାଇଁ ୧୫ ଶହ ଟଙ୍କା, ଅନ୍ୟାନ୍ୟ କନଜ୍ୟୁମେବୁଲ ପାଇଁ ହଜାରେ ଟଙ୍କା ଏବଂ ଡକ୍ଟର ଅନ କଲ ପାଇଁ ହଜାରେ ଟଙ୍କା ଖର୍ଚ୍ଚ ହେବ। କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଇଁ ବେଡ ପିଛା ହଜାରେ ଓ ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧୦୦୦ ଟଙ୍କା ପ୍ରଦାନ କରାଯିବ। ଲଣ୍ଡ୍ରି ପାଇଁ ୨୦୦ ଟଙ୍କା, ସାନିଟାଇଜର ପାଇଁ ୬୦ ଟଙ୍କା, ଖାଦ୍ୟ ପାଇଁ ୨୪୦ ଟଙ୍କା, ଔଷଧ ପାଇଁ ଶହେ ଟଙ୍କା, ମାସ୍କ ପାଇଁ ୨୦୦ ଟଙ୍କା ଓ ବିଭିନ୍ନ ଡାକ୍ତରୀ ପରୀକ୍ଷା ପାଇଁ ୨୦୦ ଟଙ୍କା ଖର୍ଚ୍ଚ ହେବ। ସେହିଭଳି ସରକାର କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର ହୋମର ଚିକିତ୍ସା ବ୍ୟବସ୍ଥା ଓ ଖାଦ୍ୟର ମାନ ପରୀକ୍ଷଣ ପାଇଁ ଏକ ଟିମ୍ ଗଠନ କରିଥିବା ସୂଚନା ଦେଇଛନ୍ତି।

### ସନ୍ଦେହରେ କାର୍ଯ୍ୟାନୁଷ୍ଠାନ ନହେବା ପଛର କାରଣ

# ଡିସିପି ଅଫିସ କନଷ୍ଟେବଲଙ୍କ ବଦଳି ନାହିଁ !

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପୋଲିସ ବିଭାଗ ହେଉ କି ଅନ୍ୟ ଯେକୌଣସି ବିଭାଗରେ କର୍ମଚାରୀଙ୍କ ବଦଳି ନିୟମ ରହିଛି। ନିର୍ଦ୍ଦିଷ୍ଟ ସମୟ ସରିଗଲେ ନିୟମ ଅନୁସାରେ କର୍ମଚାରୀମାନଙ୍କୁ ଉପରିସ୍ଥ ଅଧିକାରୀମାନେ ବଦଳି କରିବାର ପରମ୍ପରା ରହିଆସିଛି। ବଦଳି ନିୟମ ନେଇ ସରକାର ବଡ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲା ବେଳେ କେତେକ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ହେଉଥିବା ଆଲୋଚନା ହୁଏ। କର୍ମଚାରୀଙ୍କ ବଦଳି ପଛର ଗୁରୁତ୍ୱ ହେଉଛି ଯେ, ଗୋଟିଏ ସ୍ଥାନରେ ଦୀର୍ଘବର୍ଷ ଧରି ଯେକୌଣସି କର୍ମଚାରୀ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କର ମନମୁଖୀ ବଢ଼ିଯାଏ ଏବଂ ଦୁର୍ନୀତି ହେବାର ଆଶଙ୍କା ମଧ୍ୟ ଦେଖାଦେଇଥାଏ। ସେଥିପାଇଁ ପୁରୁଣାଙ୍କ ବଦଳରେ ନୂଆ କର୍ମଚାରୀ କାର୍ଯ୍ୟରେ ଯୋଗଦେବା ଦ୍ୱାରା କାର୍ଯ୍ୟାଳୟରେ ମନମୁଖୀ କାର୍ଯ୍ୟ ଓ ଦୁର୍ନୀତିକୁ ରୋକାଯିବା ଭଳି କାର୍ଯ୍ୟ



ହୋଇଥାଏ। ଯଦ୍ୱାରା ସରକାରୀ କାମରେ ସ୍ୱଚ୍ଛତା ଆସିବା ସହିତ ସମସ୍ତ କାର୍ଯ୍ୟ ସଠିକ୍ ରୂପେ ପରିଚାଳନା ହୋଇଥାଏ। ନୂତନ କର୍ମଚାରୀ ପୁରୁଣା ସ୍ଥାନ ଛାଡି ନୂଆ ସ୍ଥାନରେ କାର୍ଯ୍ୟରେ ଯୋଗଦେବା ଦ୍ୱାରା ତାଙ୍କର କାର୍ଯ୍ୟଧାରା ଅଧିକ ପ୍ରତିଫଳିତ ହେବା ସହିତ ବ୍ୟବସ୍ଥା ସୂଚାରୁରୂପେ ସମ୍ପାଦିତ ହେଉଥିବା ଜଣାପଡେ। ହେଲେ ଆଶ୍ଚର୍ଯ୍ୟଜନକ ଘଟଣା, ରାଜ୍ୟରେ କମିଶନରେଟ୍ ପୋଲିସ ଗଠନ ହେବା ଠାରୁ ଭୁବନେଶ୍ୱର ଡିସିପି ଅଫିସରେ ନିର୍ଦ୍ଦିଷ୍ଟ କିଛି କନଷ୍ଟେବଲ ଦୀର୍ଘବର୍ଷ ଧରି କାଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କ ବଦଳି କରାଯାଉନାହିଁ। ବାରମ୍ବାର ଡିସିପି ବଦଳୁଥିଲେ ସୁଦ୍ଧା ଏହି କନଷ୍ଟେବଲଙ୍କ ବଦଳି ନହେବା ସମସ୍ତଙ୍କୁ ଚକିତ କରିଛି। ବଡବଡ ବାବୁଙ୍କ କ୍ଷେତ୍ରରେ ନିୟମ ପାଳନ କରାଯାଉଥିଲା ବେଳେ କନଷ୍ଟେବଲଙ୍କ କ୍ଷେତ୍ରରେ ନିୟମ କାର୍ଯ୍ୟକାରୀ ନହେବା ବିସ୍ମୟ ସୃଷ୍ଟି କରିଛି। ଯେଉଁ କେତେଜଣ କନଷ୍ଟେବଲ ଡିସିପି ଅଫିସରେ ଗାଦି ମାଡି ବସିଛନ୍ତି ସେମାନଙ୍କ ବିରୁଦ୍ଧରେ ଅନେକ ପ୍ରକାର ଅଭିଯୋଗ ହେଉଥିଲେ ମଧ୍ୟ କେହି କିପରି ଏମାନଙ୍କ ବଦଳି ଫାଇଲ୍‌ରେ ହାତ ମାରୁନାହାନ୍ତି ତାହା ସନ୍ଦେହଜନକ। ଆଶା କରାଯାଉଥିଲା ନୂଆ ଡିସିପି ଜଣେ ଦକ୍ଷ ଓ ସ୍ୱଚ୍ଛ ପୋଲିସ ଅଧିକାରୀ ହୋଇଥିବା ହେତୁ କାର୍ଯ୍ୟରେ ଯୋଗଦେବା ପରେ ସେ ନିଶ୍ଚୟ ଏହି ବଦଳି ଫାଇଲରେ ହାତ ମାରିବେ। ହେଲେ ଯାହା ଜଣାପଡିଛି ଏଭଳି ଚର୍ଚ୍ଚା ବଦଳି ଫାଇଲକୁ ଆଗକୁ ନେଇପାରି ନାହାନ୍ତି। ହେଲେ ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ଦିନରେ ନୂଆ ଡିସିପି ନିଶ୍ଚୟ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି। ଦେଖାଯାଉ କେବେ ନିୟମ ପାଳନ ହେବ ଓ କନଷ୍ଟେବଲଙ୍କ ବଦଳି ଫାଇଲ ଖୋଲିବ।




# କୁମାର ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧନା

**ଚନ୍ଦ୍ରଶେଖରପୁର :** ଚଳିତବର୍ଷ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୧୮୨ତମ ସ୍ଥାନରେ ରହିଥିବା ନୀଳାଦ୍ରି ବିହାରର କୁମାର ବିଶ୍ୱରଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଜୟପୁର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି। ସମ୍ବର୍ଦ୍ଧନା ଜଣାଇବା ଅବସରରେ ଶ୍ରୀ ବାହିନୀପତି କହିଥିଲେ ଯେ, କୁମାର ବିଶ୍ୱରଞ୍ଜନଙ୍କ ସଫଳତା କେବଳ ଭୁବନେଶ୍ୱର ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। କଠିନ ପରିଶ୍ରମ ଦ୍ୱାରା କିଭଳି ଜଣେ ସଫଳତାର ଶୀର୍ଷରେ ପହଞ୍ଚିପାରେ ମେଧାବୀ ଛାତ୍ର କୁମାର ବିଶ୍ୱରଞ୍ଜନଙ୍କ କୃତିତ୍ୱ ତାହାର ଏକ ଜ୍ୱଳନ୍ତ ଉଦାହରଣ। ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସ, ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର ସଭାପତି ଡକ୍ଟର ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ଶ୍ରୀ ବାହିନୀପତିଙ୍କ ସହ ବିଶ୍ୱରଞ୍ଜନଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି